## ସଂକ୍ଷେପରେ

### ଜୟନ୍ତପୁରରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

**ପଡିଆବାହାଲ,୨୧।୧୦(ଡି.ଏନ.ଏ.):** ଯୁଯୁମୁରା ବ୍ଲକ ଜୟନ୍ତପୁରଠାରେ ଶୁକ୍ରବାର ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡା. ରାଜକୁମାର ବଡପଣ୍ଡାଙ୍କ ନେତୃତ୍ୱରେ ମହିଳା ବିଡି କାରୀଗର ଓ ପାରାମେଡିକାଲ କର୍ମଚାରୀଙ୍କୁ ନେଇ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ପରେ ଅନୁଷ୍ଠିତ ସ୍ୱାସ୍ଥ୍ୟଶିବିରରେ ପ୍ରାୟ ୭୩ ଜଣଙ୍କୁ ଡାକ୍ତର ବଡପଣ୍ଡା ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ପ୍ରଦାନ କରିଥିଲେ।

### ହତ୍ୟା ଘଟଣାରେ ୨ ଗିରଫ



ଗିରଫ ୨ ଅଭିଯୁକ୍ତ।

**ଝାରସୁଗୁଡା ଅଫିସ,୨୧।୧୦:** ପଶ୍ଚିମବଙ୍ଗର ନିଖୋଜ ଫେରିବାଲା ମହମ୍ମଦ ଆସରଫ୍ ଖାନ(୨୬)ଙ୍କ ହତ୍ୟା ଘଟଣାରେ ପୋଲିସ୍ ୨ ଅଭିଯୁକ୍ତଙ୍କୁ ଗିରଫକରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଦୁର୍ଲଗା ଗ୍ରାମର ପ୍ରଦୀପ ମାକର(୨୦) ଓ ଶ୍ରୀକାନ୍ତ ପିଙ୍ଗ(୨୨)। ଏ ନେଇ ଝାରସୁଗୁଡା ଟାଉନ ଥାନାରେ ପୋଲିସ ମାମଲା (ନଂ୬୦୫/୨୨) ରୁଜୁକରି ତଦନ୍ତ ଚଳାଇଛି। ଗତ ୭ତାରିଖରେ ଆସରଫ୍ ନିଜ ମୋପେଡ୍ରେ ଫେରି କରିବାକୁ ଯାଇ ଆଉ ଫେରି ନ ଥିଲେ। ସମ୍ପର୍କୀୟ ଖୋଜାଖୋଜି କରି ନ ପାଇବାରୁ ଝାରସୁଗୁଡା ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ୍ ଏକ ନିଖୋଜ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ଦୁର୍ଲଗା ଗ୍ରାମର ଦୁଇ ଅଭିଯୁକ୍ତଙ୍କୁ ପୋଲିସ୍ ଜେରା କଲାବେଳେ ସେମାନେ କହିଛନ୍ତି, ଆସରଫଙ୍କ ସହ ପ୍ରଥମେ ପାଟିତୁଣ୍ଡ ହୋଇଥିଲା । ପରେ ଉଭୟ ତାଙ୍କ ମୁଣ୍ଡକୁ ପଥର ଫିଙ୍ଗିଥିଲେ। ତଳେ ପଡିଯିବାପରେ ତାଙ୍କ ମୁଣ୍ଡକୁ ଛେଚି ହତ୍ୟା କରିଥିଲେ। ଘଟଣାକୁ ଲୁଚାଇବା ପାଇଁ ମୃତଦେହକୁ ଏକ ବନ୍ଧ ପରିସରରେ ଗାତଖୋଳି ପୋତିଦେଇଥିଲେ।

### କୁଚିଣ୍ଡାରେ ନୂତନ ଉପଜିଲାପାଳ

**କୁଚିଣ୍ଡା,୨୧।୧୦(ଡି.ଏନ.ଏ.):** ସମ୍ବଲପୁର ଜିଲା କୁଚିଣ୍ଡାରେ ନୂତନ ଉପଜିଲାପାଳ ଭାବେ ଆଇଏଏସ୍ ବିଭୂତି ଭୂଷଣ ନାୟକ ଶୁକ୍ରବାର ଯୋଗଦେଇଛନ୍ତି। ଏଠାରେ ଅବସ୍ଥାପିତ ଥିବା ଆଇଏଏସ୍ ଆଦିତ୍ୟ ଗୋୟଲଙ୍କ ବଦଳି ହେବାପରେ ତାଙ୍କ ସ୍ଥାନରେ ନାୟକ ଯୋଗଦେଇଛନ୍ତି। ସେ କୁଚିଣ୍ଡା ଅଞ୍ଚଳର ବିକାଶ ପାଇଁ କାମ କରିବେ ବୋଲି କହି ସମସ୍ତଙ୍କ ସହଯୋଗ ଲୋଡିଛନ୍ତି।

### କ୍ଲଷ୍ଟରସ୍ତରୀୟ ସୁରଭି

**ପଡିଆବାହାଲ,୨୧।୧୦(ଡି.ଏନ.ଏ.):** ଜମନକିରା ବ୍ଲକ ଖରସନମାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ଶୁକ୍ରବାର କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ସ୍କୁଲରୁ ୧୦୮ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସିଆରସିସି ପ୍ରଶାନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ କମିଟି ସଭାପତି ଭକ୍ତଚରଣ ପଣ୍ଡା ମୁଖ୍ୟଅତିଥି ଓ ଖରସନମାଲ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମହେନ୍ଦ୍ର କୁମାର ଯୋଶୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱାମିତ୍ର ଦୀପ ଧନ୍ୟବାଦ ଦେଥିଲେ।

### ପୋଲିସ ଶହୀଦ ଦିବସ

**ଝାରସୁଗୁଡ଼ା ଅଫିସ,୨୧।୧୦:** ଝାରସୁଗୁଡ଼ା ଜିଲା ପୋଲିସ୍ ତରଫରୁ ସ୍ଥାନୀୟ ଓଏସ୍ଏପି ୨ୟ ବାଟାଲିୟନ ପଡିଆରେ ୬୩ତମ ପୋଲିସ୍ ଶହୀଦ୍ ଦିବସ ପାଳିତ ହୋଇଯାଇଛି। ଏଥିରେ ଏସ୍ପି ରାହୁଲ ଜୈନ ମୁଖ୍ୟଅତିଥି ଭାବେ ଯୋଗଦେଇ ପୋଲିସ୍ ପରେଡ୍ରେ ଅଭିବାଦନ ଗ୍ରହଣ କରିଥିଲେ। ଶହୀଦ୍ଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦିଆଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ମୁଖ୍ୟଅତିଥି ଏସ୍ପି ଜୈନ ତାଙ୍କ ବକ୍ତବ୍ୟରେ କହିଥିଲେ, ଗତବର୍ଷ ଦେଶରେ ୧୨୬ଜଣ ପୋଲିସ୍ ଶହୀଦ୍ ହୋଇଛନ୍ତି। ଏଥିମଧ୍ୟରେ ୩ଜଣ ଓଡିଶାର ରହିଛନ୍ତି। ଏହି ଶହୀଦ୍ ପରିବାରଙ୍କୁ ଜିଲା ପୋଲିସ୍ ତରଫରୁ ସମବେଦନା ଜଣାଯାଇଥିଲା। ଅତିରିକ୍ତ ଏସ୍ପି କେଶବ ଚନ୍ଦ୍ର ବେହେରା, ଓଏସ୍ଏପି ୨ୟ ବଟାଲିୟନ ଦୁର୍ଗପତି ଆଶିଷ ଦୁବେ, ଉପଦୁର୍ଗପତି ଭବାନୀ ଶଙ୍କର ସେଠ୍, ଏସ୍ଡିପିଓ ନିର୍ମଳ ମହାପାତ୍ର, ଆଇଆଇସି ସାବିତ୍ରୀ ବଳ, ଆଇଆଇସି ଅମିତାଭ ପଣ୍ଡା ଯୋଗଦେଇଥିଲେ ।

# ନଦୀ ପ୍ରଦୂଷଣ ମାନବକୃତ: ପ୍ରଫୁଲ୍ଲ ସାମନ୍ତରା

**ଝାରସୁଗୁଡ଼ା ଅଫିସ,୨୧।୧୦**

ସେପ୍ଟେମ୍ବର ୨୩ରୁ ଲୋକଶକ୍ତି ଓ ଜନ ଆନ୍ଦୋଳନଙ୍କ ରାଷ୍ଟ୍ରୀୟ ସମନ୍ୱୟ (ଏନ୍ଏପିଏମ୍) ଓଡିଶା ତରଫରୁ ନଦୀ ଓ ଜଳ ଉତ୍ସ ସୁରକ୍ଷା ଅଭିଯାନ ଯାତ୍ରା ଆରମ୍ଭ ହୋଇଛି। ଏହାର ଆବାହକ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ଗୁରୁବାର ଝାରସୁଗୁଡ଼ାରେ ପହଞ୍ଚି ଇବ୍ ଓ ଭେଡେନ ନଦୀ ଆଦି ବୁଲି ଦେଖିବାପରେ ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ସେ ସହରର ଏକ ହୋଟେଲରେ ଖବରଦାତା ସମ୍ମିଳନୀ କରି କହିଥିଲେ, କେବଳ ଭାରତବର୍ଷ ନୁହେଁ ସାରା ବିଶ୍ୱରେ ନଦୀ, ନାଳ ଆଦି ଜଳଉତ୍ସ ପ୍ରଦୂଷିତ ହେବାରେ ଲାଗିଛି। ଏହା ମାନବକୃତ ହୋଇଥିବାବେଳେ ଏଥିପାଇଁ ସରକାରୀ ବିଧିବ୍ୟବସ୍ଥା ଦାୟୀ। ଦେଶରେ ଶିଳ୍ପନୀତି ରହିଥିଲେ ବି କାର୍ଯ୍ୟକାରୀ ହେଉନାହିଁ। କଳକାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ଠିକ୍ଭାବେ ପରିଚାଳନା ହେଉନାହିଁ। ଏହାର ପ୍ରଭାବରେ ଜଳବାୟୁ ପରିବର୍ତ୍ତନ ହେଉଛି। ଏଥିରେ ନଦୀଜଳ ପ୍ରଦୂଷିତ ହେବାରେ ଲାଗିଛି। ଏହାର ପ୍ରଭାବ ସିଧାସଳଖ ମାନବ ସମାଜ ଉପରେ ପଡୁଛି। ଏହାକୁ ନେଇ ଦେଶ ଓ ରାଜ୍ୟ ମଧ୍ୟରେ ନଦୀଜଳ ବିବାଦ ଦେଖାଦେଉଛି। ଏଥିମଧ୍ୟରେ କାବେରୀ ଓ ମହାନଦୀ ରହିଛି। ଏହାକୁ ନେଇ ସରକାର ଟ୍ରିବ୍ୟୁନାଲ ଗଠନ କରିଥିବାବେଳେ ଅଦ୍ୟାବଧି ଏହାର ସମାଧାନ ହୋଇପାରିନାହିଁ। ନଦୀର ନିରନ୍ତର ପ୍ରବାହ ହିଁ ତାହାର ଅତୁଟ ଜୀବନ। ଏହାକୁ ଯଦି ପ୍ରଭାବିତ କରାଯାଏ ତା'ହେଲେ ପ୍ରାକୃତିକ ପ୍ରବାହ ବାଧାପ୍ରାପ୍ତ ହୋଇଥାଏ । ସେତେବେଳେ ନଦୀର ଅତୁଟ ଜୀବନର ଅପମୃତ୍ୟୁ ହୋଇଥାଏ। ତେଣୁ ନଦୀ ସୁରକ୍ଷା ନେଇ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବାକୁ ସେ ଦାବି କରିଛନ୍ତି। ସେ ଆହୁରି କହିଛନ୍ତି, ବିଦ୍ୟୁତ୍ ଉତ୍ପାଦନ ପାଇଁ ଦେଶରେ ଛତୁ ଫୁଟିଲାପରି ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା ହୋଇଚାଲିଛି। ଏଥିରୁ ନିର୍ଗତ ଉତ୍ତପ୍ତ ଗ୍ୟାସ୍ ଓ ବର୍ଜ୍ୟବସ୍ତୁ ଜଳବାୟୁକୁ ପ୍ରଦୂଷିତ କରୁଛି। ଏହାର ବିକଳ୍ପ ଭାବେ ସୌରଶକ୍ତି ଉତ୍ପାଦନ ହୋଇପାରିଲେ ବହୁମାତ୍ରାରେ ପ୍ରଦୂଷଣ ରୋକାଯାଇପାରିବ। ଝାରସୁଗୁଡା ଜିଲାରେ ଅନେକ କଳକାରଖାନା ଗଢିଉଠିଛି। ଏଥିରୁ ନିର୍ଗତ ହେଉଥିବା ବର୍ଜ୍ୟବସ୍ତୁ ଠିକ୍ରେ ପରିଚାଳନା ନ ହୋଇ ଏଣେତେଣେ ପଡିରହୁଛି । ଏହାର ପ୍ରଭାବ ସିଧାସଳଖ ହୀରାକୁଦ ଜଳଭଣ୍ଡାର, ମହାନଦୀ ଓ ଆଖପାଖରେ ଥିବା ନଦୀ ଉପରେ ପଡୁଛି। ଏଥିରେ ଜନଜୀବନ ପ୍ରଭାବିତ ହେଉଛି। ଏହାକୁ ନିୟନ୍ତ୍ରଣ କରିବାପାଇଁ ସରକାରଙ୍କ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରହିଛି। ହେଲେ ଏହା ସ୍ଥାଣୁ ପାଲଟିଯାଇଛି। ଏହାକୁ ନିୟନ୍ତ୍ରଣ କରା ନ ଗଲେ ପରିସ୍ଥିତି ଭୟାବହ ହେବ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପରିବେଶବିତ୍ ସତ୍ୟନାରାୟଣ ରାଓ, ରତ୍ନାକର ପ୍ରଧାନ, ବିଜୟ ଦାସ ପ୍ରମୁଖ ସାମିଲ ହୋଇଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ପରିବେଶବିତ୍।

# ଅଳଙ୍କାର ଦୋକାନରେ ଜିଏସ୍ଟି ଚଢାଉ



ଅଳଙ୍କାର ଦୋକାନରେ ଚଢାଉ କରୁଛନ୍ତି ଜିଏସ୍ଟି ଟିମ୍।

**ସମ୍ବଲପୁର,୨୧।୧୦(ବ୍ୟୁରୋ)**

ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ମାର୍ୱାଡି ପଡାରେ ଥିବା ବିଜୁ ଜୁଏଲେରୀ ଓ ବିଜୁ ପ୍ରାଇଭେଟ ଲିମିମେଟ କମ୍ପାନୀ ଉପରେ ଶୁକ୍ରବାର ଜିଏସ୍ଟି ପକ୍ଷରୁ ଚଢାଉ କରାଯାଇଛି। ଜଣେ ବ୍ୟକ୍ତି ଏହି ଦୁଇ ଷ୍ଟୋରର ମାଲିକ ଅଛନ୍ତି। ଟ୍ୟାକ୍ସ ଫାଙ୍କିବା ଅଭିଯୋଗରେ ଜିଏସ୍ଟି ଏନଫୋର୍ସମେଣ୍ଟ ୟୁନିଟ୍ କମିଶନର ସୁବୋଧ କୁମାର ପଣ୍ଡାଙ୍କ ନେତୃତ୍ୱରେ ଚଢାଉ କରାଯାଇଥିଲା। କମିଶନର ପଣ୍ଡା କହିଛନ୍ତି, ଦୋକାନରେ ଥିବା ସୁନା, ରୁପା ଅଳଙ୍କାର, ନଗଦ ଟଙ୍କା ଜବତ ହୋଇଛି। ଏହାସହ କାଗଜପତ୍ର ଯାଞ୍ଚ କରାଯାଇଥିଲା। କେତେ ପରିମାଣ ସୁନା, ରୁପା ଦୋକାନୀ କ୍ରୟ କରିଛନ୍ତି ଓ କେତେ ବିକ୍ରି କରିଛନ୍ତି ତାହା ଯାଞ୍ଚ କରାଯାଉଛି। ସମ୍ପୂର୍ଣ୍ଣ ଯାଞ୍ଚ ପରେ ଠିକ୍ ତଥ୍ୟ ସାମନାକୁ ଆସିବ ବୋଲି କହିଥିଲେ। ପୂର୍ବରୁ ମଧ ଜିଏସ୍ଟି ଫାଙ୍କିବା ନେଇ ହାଟପଡାରେ ସୁନା ଦୋକାନ ଓ ବ୍ୟବସାୟୀଙ୍କ ଘରେ ଚଢାଉ କରାଯାଇଥିଲା। ଏହି ଚଢାଉରେ ସ୍ଥାନୀୟ ପୋଲିସ ସାମିଲ ଥିଲେ।

# ରିଜର୍ଭ ପଡ଼ିଆରେ ୬୩ତମ ଶହୀଦ ଦିବସ



ରିଜର୍ଭ ପୋଲିସ ପଡ଼ିଆରେ ପୋଲିସ ଶହୀଦ ଦିବସ ।

**ସମ୍ବଲପୁର,୨୧।୧୦(ବ୍ୟୁରୋ)**

ସମ୍ବଲପୁର ରିଜର୍ଭ ପୋଲିସ ପଡ଼ିଆଠାରେ ୬୩ତମ ଶହୀଦ ଦିବସ ଜିଲା ପୋଲିସ ପକ୍ଷରୁ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଉତ୍ତରାଞ୍ଚଳ ଆଇଜି ଡ. ଦୀପକ କୁମାର ଯୋଗଦେଇ ମିଳିତ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ସମାଜରେ ଆଇନଶୃଙ୍ଖଳା ନିୟନ୍ତ୍ରଣ କରିବା ପାଇଁ ଜନସାଧାରଣଙ୍କ ସହଯୋଗର ଆବଶ୍ୟକତା ରହିଛି। ପୋଲିସ ତାଙ୍କ ସହିତ ସୁସମ୍ପର୍କ ରଖିବା ଉଚିତ। ନିଜ କର୍ତ୍ତବ୍ୟରେ ଅବହେଳା ନ କରି କାମ କରିବାକୁ ଆହ୍ୱାନ ଦେଇଥିଲେ। ଶହୀଦମାନଙ୍କ ନାମ ଘୋଷଣା କରି ସ୍ମୃତିଚାରଣ କରିଥିଲେ। ଏସ୍ପି ବାତୁଲା ଗଙ୍ଗାଧର ପରିଚାଳନା କରିଥିବାବେଳେ ଜିଲାର ବରିଷ୍ଠ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ପୋଲିସ କମ୍ୟୁନିଟି ସେଣ୍ଟରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୪୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବୁର୍ଲା ଭିମ୍ସାର ରକ୍ତଭଣ୍ଡାର ଡାକ୍ତର ଓ କର୍ମଚାରୀ ସହଯୋଗ କରିଥିଲେ।

# ନେତା, ଅଧିକାରୀଙ୍କ କଳାଧନ ବ୍ୟବହାର କରୁଥିଲେ ଅର୍ଚ୍ଚନା

**ସମ୍ବଲପୁର,୨୧।୧୦(ବ୍ୟୁରୋ)**

ବହୁଚର୍ଚ୍ଚିତ ଅର୍ଚ୍ଚନା ନାଗ ଘଟଣାରେ ପୋଲିସର ଅବହେଳାକୁ ନେଇ ଶୁକ୍ରବାର ସମ୍ବଲପୁର ଯୁବ କଂଗ୍ରେସ ପକ୍ଷରୁ ଏସ୍ପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କର୍ମକର୍ତ୍ତା ଅଭିଯୋଗ କରିଥିଲେ, ଅର୍ଚ୍ଚନା ଅମାପ ସମ୍ପତ୍ତି ଠୁଳ କରିବାରେ ବହୁ ନେତା ଓ ପ୍ରଶାସନିକ ଅଧିକାରୀଙ୍କ ହାତ ରହିଛି। ନେତା, ଅଧିକାରୀ ଅସତ୍ ଉପାୟରେ ଉପାର୍ଜନ କରୁଥିବା ଅର୍ଥ ଅର୍ଚ୍ଚନା ଦ୍ୱାରା ଧଳା କରାଯାଉଥିଲା। ସାମାଜିକ ଗଣମାଧ୍ୟମରେ ଅର୍ଚ୍ଚନାଙ୍କ ସହିତ ଅନେକ ନେତା, ମନ୍ତ୍ରୀ ଓ ଅଧିକାରୀଙ୍କ ଫଟୋ ଭାଇରାଲ ହେଉଛି। ଗୁମର ଖୋଲିବା ଭୟରେ ସଭିଏଁ ଚୁପ ରହୁଛନ୍ତି। ଯଦି ପୋଲିସ ଠିକ୍ ଭାବେ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ ନ କରିବ ତା'ହେଲେ ଯୁବ କଂଗ୍ରେସ ଆନ୍ଦୋଳନକୁ ଜୋରଦାର କରିବ ବୋଲି ଚେତାବନୀ ଦେଇଥିଲେ। ବିଜେଡି ସରକାର ବିରୋଧରେ ନାରାବାଜି ଦେବା ସହ ସମ୍ପୃକ୍ତ ମନ୍ତ୍ରୀମାନେ ଇସ୍ତଫା ମଧ ଦିଅନ୍ତୁ ବୋଲି ଦାବି କରିଥିଲେ। ପ୍ରାୟ ୨ ଘଣ୍ଟା ଧରି ଏସ୍ପି ଅଫିସ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଯୁବ କଂଗ୍ରେସର ପ୍ଲାବନ ବହିଦାର, ମୋହନ ସା, ଆଶୁତୋଷ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



କଂଗ୍ରେସ କର୍ମୀଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

# ରାତ୍ର ଜଗୁଆଳି ନିଯୁକ୍ତିରେ ଅନିୟମିତତା ଅଭିଯୋଗ

**ରେଙ୍ଗାଲି,୨୧।୧୦(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ଗ୍ରାମ ପଞ୍ଚାୟତରେ ରାତ୍ର ଜଗୁଆଳି ନିଯୁକ୍ତିରେ ଅନିୟମିତତା ହୋଇଥିବା ନେଇ ବିମଳ ବିହାରୀ ପଟ୍ଟନାୟକ ରେଙ୍ଗାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ୨୦୦୮ ରେ ରେଙ୍ଗାଲି ଗ୍ରାମ ପଞ୍ଚାୟତରେ ରାତ୍ର ଜଗୁଆଳି ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶିତ ହୋଇଥିଲା। ଏଥିପାଇଁ ୪ଜଣ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ମନବୋଧ କଉଡି ଓ ଗୋବିନ୍ଦ ଚନ୍ଦ୍ର ମାଝିଙ୍କ ଏସ୍ଏଲ୍ସି ପ୍ରମାଣପତ୍ରରେ ଥିବା ଇସ୍ୟୁ ତାରିଖକୁ ଟାମ୍ପରିଂ କରି ପରିବର୍ତ୍ତନ କରାଯାଇଛି ବୋଲି ଅଭିଯୋଗ ହୋଇଛି । ତତ୍କାଳୀନ ସରପଞ୍ଚ, ନିର୍ବାହୀ ଅଧିକାରୀ ଓ ସମ୍ପାଦକଙ୍କୁ ନେଇ ଗଠିତ ଚୟନ କମିଟି ଏସ୍ଏଲ୍ସି ପ୍ରମାଣପତ୍ର ଜାଲିଆତି କରି ୨୦୦୮ରେ ନିଯୁକ୍ତି ହୋଇ ନ ଥିଲେ ମଧ୍ୟ ମିଥ୍ୟା କାଗଜପତ୍ର ତିଆରି କରି ରାତ୍ର ଜଗୁଆଳିଙ୍କ ଦରମା ଆତ୍ମସାତ୍ କରିଛନ୍ତି ବୋଲି ପଟ୍ଟନାୟକ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏ ସଂକ୍ରାନ୍ତରେ ରେଙ୍ଗାଲି ଥାନାରେ କେସ୍ ନଂ.୧୯୯ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# କନ୍ହେଇ ନାଳରେ କଲଭର୍ଟ ଲୋକାର୍ପିତ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀମାନେ।

**ଝାରସୁଗୁଡ଼ା ଅଫିସ,୨୧।୧୦**

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ୨୯ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଝାରସୁଗୁଡ଼ା ବ୍ଲକର ମାରାକୁଟା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କନ୍ହେଇନାଳ ଉପରେ ନିର୍ମିତ କଲଭର୍ଟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶୁକ୍ରବାର ଆଭାସି ମାଧ୍ୟମରେ ଉଦ୍ଘାଟିତ ହୋଇଯାଇଛି। ଏହାଦ୍ୱାରା ଓରାମପଡ଼ା, ଜମେରା, ମାରାକୁଟା ଓ ମୁଣ୍ଡାପଡ଼ା ଆଦି ୫ ଗ୍ରାମର ଅଧିବାସୀ ଉପକୃତ ହେବେ। ପୂର୍ବରୁ ଏହିସବୁ ଗ୍ରାମର ଅଧିବାସୀ ଜିଲା ସଦର ମହକୁମାକୁ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଜିଲାପାଳଙ୍କ ଅଫିସରେ ଅନୁଷ୍ଠିତ ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଜିଲାପାଳ ସରୋଜ କୁମାର ସାମଲ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତପିରାମ ମାଝି, ଅତିରିକ୍ତ ଜିଲାପାଳ(ସାଧାରଣ) ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ, ପିଡି (ପୁନର୍ବାସ ଓ ଥଇଥାନ) ଆଲୋମଣୀ ସେଠୀ, ଡେପୁଟି କଲେକ୍ଟର ନିବେଦିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁ ମହୋତ୍ସବ ସୁରଭି

**ରେଢାଖୋଲ,୨୧।୧୦ (ଡି.ଏନ.ଏ.)**

ରେଢାଖୋଲ ବ୍ଲକର ବୁର୍ଡା ଓ ବଡବାହାଲ ବିଦ୍ୟାଳୟ ଠାରେ ଶୁକ୍ରବାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଛି। ବୁର୍ଡାଠାରେ ସରପଞ୍ଚ ରାଜା ପାଲ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍ଘାଟନ କରିଥିଲେ। ଏଥିରେ ୯ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ ସଙ୍ଗୀତ, ନୃତ୍ୟ, ଶ୍ରୁତଲିଖନ, ଚିତ୍ରାଙ୍କନ, ପ୍ରବନ୍ଧ ଆଦି ପ୍ରତିଯୋଗିତାରେ ଭାଗନେଇଥିଲେ। ସେହିପରି ବଡବାହାଳ ପଞ୍ଚଖଣ୍ଡା ହାଇସ୍କୁଲଠାରେ ଅନୁଷ୍ଠିତ ଶିଶୁ ମହୋତ୍ସବରେ ସମିତିସଭ୍ୟା ଲେଲିନ ସାହୁ, ରେଞ୍ଜ ଅଧିକାରୀ ପ୍ରଜ୍ଞା ପାରମିତା ଦୀପ, ପୂର୍ବତନ ସରପଞ୍ଚ ବିଶ୍ୱରଞ୍ଜନ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଉଭୟ ସ୍ଥାନରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ଠେମରାରେ ଆଞ୍ଚଳିକସ୍ତରୀୟ ଶିଶୁ ମହୋତ୍ସବ

**ସମ୍ବଲପୁର,୨୧।୧୦(ବ୍ୟୁରୋ)**

ଆଞ୍ଚଳିକ ସ୍ତରୀୟ ଶିଶୁ ମହୋତ୍ସବ ଠେମରା ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ମାନେଶ୍ୱର ବ୍ଲକ ଅନ୍ତର୍ଗତ ୧୦ଟି ବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସିଆର୍ସିସି ଦିଲୀପ ଛତର କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ଠେମରା ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ କୃଷ୍ଣଚନ୍ଦ୍ର ବଢ଼େଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦୁର୍ଗାପ୍ରସାଦ ସିଂ, ବଦ୍ରିନାରାୟଣ ନାଥ, ବନମାଳି ପଧାନ, ଲିଙ୍ଗରାଜ ପ୍ରଧାନ, ମନୋରଞ୍ଜନ ମହାପାତ୍ର, ଶୈଳବାଳା ପ୍ରଧାନ, ସୁଧିର ସେଠ ସହଯୋଗ କରିଥିଲେ ।

# ବିଭିନ୍ନ ସ୍ଥାନରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ

**ଝାରସୁଗୁଡ଼ା ଅଫିସ,୨୧।୧୦**

କିର୍ମିରା ବ୍ଲକ୍ ଭାଲୁପତ୍ରା ଆଶ୍ରମ ସ୍କୁଲ୍ରେ ବନ୍ଧପାଲି କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍ ଉପଶିକ୍ଷାଧିକାରୀ ଘନଶ୍ୟାମ ଚାନ୍ଦ, ଭାଲୁପତ୍ରା ହାଇସ୍କୁଲ୍ ପ୍ରଧାନଶିକ୍ଷକ ଗଙ୍ଗାଧର ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଉଦ୍ଯାପନୀ ଉତ୍ସବରେ ବନ୍ଧପାଲି ସରପଞ୍ଚ ତପିରାମ ମାଝି, ଶିକ୍ଷାବିତ୍ ବୁନ୍ଦେ ଧୁରୁଆ, ଭାଲୁପତ୍ରା ଆଶ୍ରମ ସ୍କୁଲ୍ ପ୍ରଧାନ ଶିକ୍ଷକ ସତ୍ୟବାନ ପତି, ସାମାଜିକ କର୍ମୀ ଅଶୋକ ପଟେଲ, ସିଆର୍ସିସି ସଞ୍ଜୟ ନାୟକ, ଏସ୍ଏମ୍ସି ସଭାପତି ଦେବ କୁମାର ପାଣ୍ଡେ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଲଖନପୁର ବ୍ଲକ୍ ରେମଣ୍ଡା ଆଶ୍ରମ ସ୍କୁଲ୍ରେ ଅଢାପଡା କ୍ଲଷ୍ଟର ସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଛି। ଏଥିରେ କ୍ଷେତ୍ର ମୋହନ ପ୍ରଧାନ ମୁଖ୍ୟଅତିଥି, ହରପ୍ରିୟା ସା, ଏସ୍ଏମ୍ସି ସଭାପତି ଲଳିତ କୁମାର ଦାନି, ହିରାଲାଲ ସାହୁ, ସିଆର୍ସିସି ସୁଶାନ୍ତ କୁମାର ସା ସମ୍ମାନିତ ଅତିଥି ଥିଲେ। ଝାରସୁଗୁଡା ବ୍ଲକ୍ ଖେରୁଆଲ ଉଚ୍ଚପ୍ରାଥମିକ ସ୍କୁଲ୍ରେ ଖେରୁଆଲ କ୍ଲଷ୍ଟରସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଛି । ଶ୍ରୀପୁରା ବାପୁଜୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଧନୀରାମ ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ। ଉଦ୍ଯାପନୀ ଉତ୍ସବରେ ମୁଖ୍ୟଅତିଥି ହିର୍ମା ସରକାରୀ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ସୁପ୍ରିୟା ପଣ୍ଡା, ସମ୍ମାନିତ ଅତିଥି ଏସ୍ଏମ୍ସି ସଭାପତି ଗୌତମ ରଣା, ପ୍ରଧାନଶିକ୍ଷକ ବାସୁଦେବ ଭଇଁସା, ଚିନ୍ତାମଣି ଭଇଁସା ପ୍ରମୁଖ ଯୋଗଦେଇଥିଲେ।

**କୁଚିଣ୍ଡା (ଡି.ଏନ.ଏ.):** କୁଚିଣ୍ଡା ବ୍ଲକ ଅର୍ଡାବାହାଲ ବାଳିକା ହାଇସ୍କୁଲରେ ଶୁକ୍ରବାର କ୍ଲଷ୍ଟରସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅର୍ଡାବାହାଲ ସରପଞ୍ଚ ସୁଲେଶ୍ୱରୀ ମାଝି ଉଦ୍ଘାଟନ କରିଥିଲେ। ୧୦ ସ୍କୁଲର ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରତି ବିଭାଗରେ ୩ଜଣ ଲେଖାଏ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଦିଆଯାଇଥିଲା। ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଅନିତାରାଣୀ ଦାସଙ୍କ ସଭାପତିତ୍ୱରେ ହୋଇଥିବା ଉଦ୍ଯାପନି ଉତ୍ସବରେ କୁଚିଣ୍ଡା ସାମ୍ବାଦିକ ସଂଘ ସଭାପତି ବିରଞ୍ଚି ଦର୍ଶୀ ମୁଖ୍ୟଅତିଥି ଓ ସିଆର୍ସିସି ଅଶିମ ପାଣିଗ୍ରାହୀ, ପୂର୍ବତନ ସିଆର୍ସିସି ପ୍ରଦୀପ ନାଏକ, ଶିକ୍ଷୟିତ୍ରୀ ରଶ୍ମିରାଣୀ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ବାଉରିଗୋଡା ପ୍ରାଥମିକ ସ୍କୁଲରେ ହୋଇଥିବା କାର୍ଯ୍ୟକ୍ରମରେ ଏସ୍ଏମ୍ସି ସଭାପତି ଜ୍ୟୋତ୍ସ୍ନାରାଣୀ ଦାସଙ୍କ ଅଧକ୍ଷତାରେ ସରପଞ୍ଚ ଗୋବର୍ଦ୍ଧନ ବାଘ ମୁଖ୍ୟଅତିଥି ଓ ସମିତି ସଭ୍ୟ ପରେଶ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ହାଡିପାଲି କ୍ଲଷ୍ଟରର କିଣ୍ଡିରା ପ୍ରାଥମିକ ସ୍କୁଲରେ ସୁରଭି କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ମହେନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ସରପଞ୍ଚ ମନ୍ଦାକିନୀ ନାଏକ, ସମିତିସଭ୍ୟ ରଶ୍ମି ପଟେଲ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।





ନାକଟିଦେଉଳଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଙ୍କ ସହକୃତୀ ଛାତ୍ରୀଛାତ୍ର।

**ନାକଟିଦେଉଳ (ଡି.ଏନ.ଏ.)** ନାକଟିଦେଉଳ ବ୍ଲକ ଜାମୁଯୋରୀ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ ବିଦ୍ୟାଳୟରୁ ୫୦ ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଜାମୁଯୋରୀ ସିଆର୍ସିସି ମନୋରଞ୍ଜନ ସେଠଙ୍କ ସଭାପତିତ୍ୱରେ ପୁରସ୍କାର ପ୍ରଦାନ ସମାରୋହରେ ଏବିଇଓ ଚନ୍ଦ୍ରମଣୀ ବେହେରା ମୁଖ୍ୟଅତିଥି ଓ ବାଗବର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଣେଶ୍ୱର ପ୍ରଧାନ, ସହକାରୀ ଶିକ୍ଷକ ପ୍ରଦ୍ୟୁମ୍ନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବଳମ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟଠାରେ କାର୍ଯ୍ୟକ୍ରମରେ ବଳମ ସରପଞ୍ଚ ଅନୁପମା ଗଡ଼ନାୟକ ମୁଖ୍ୟଅତିଥି,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଧୀରେନ ବିଶ୍ୱାଳ ସମ୍ମନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

## ସଂକ୍ଷେପରେ

### ରେଳ ଷ୍ଟେଶନରୁ ଉଦ୍ଧାର ଯୁବକ ମୃତ

ରାଉରକେଲା ଅଫିସ,୨୧।୧୦: ରାଉରକେଲା ରେଳଷ୍ଟେଶନରୁ ଅସୁସ୍ଥ ଅବସ୍ଥାରେ ଉଦ୍ଧାର ହୋଇଥିବା ଜଣେ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତ ଯୁବକଙ୍କ କୌଣସି ପରିଚୟ ମିଳି ନ ଥିବାବେଳେ ତାଙ୍କ ବୟସ ୪୨ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ସୂଚନା ଅନୁସାରେ, ଗତ ସେପ୍ଟେମ୍ବର ୨୮ରେ ରାଉରକେଲା ରେଳ ଷ୍ଟେଶନ ପ୍ଲାଟଫର୍ମ ନଂ-୧ରେ ଜଣେ ଯୁବକ ଅସୁସ୍ଥ ଅବସ୍ଥାରେ ପଡିଥିଲେ। ଜିଆରପି ପୋଲିସ ତାଙ୍କୁ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସା ଲାଗି ଭର୍ତ୍ତି କରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ଯୁବକଙ୍କ ଗୁରୁବାର ରାତିରେ ମୃତ୍ୟୁ ହୋଇଛି।

### କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଲହୁଣୀପଡ଼ା,୨୧।୧୦(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ କଲେଇପୋଷ ପଞ୍ଚାୟତସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କଲେଇପୋଷଠାରେ କଲେଇପୋଷ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ଶୁରଭି ୨୦୨୨ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଲେଇପୋଷ ପଞ୍ଚାୟତ ସରପଞ୍ଚ ଶାନ୍ତି ଓରାମ, ମୁଖ୍ୟବକ୍ତା ଭାବେ ଓଡିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ଆଶ୍ୱିନୀ କୁମାର ଗୋପାଳ, ସମ୍ମାନିତ ଅତିଥି ଭାବେ ନୂଆପଡା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଧନେଶ୍ୱର ମାହାନ୍ତ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଘନଶ୍ୟାମ ମାହାନ୍ତ ଅଧକ୍ଷତା କରିଥିଲେ। ପ୍ରାରମ୍ଭରେ ସିଆରସିସି ଅନିଲ କୁମାର ପରିଡା ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। କଲେଇପୋଷ କ୍ଲଷ୍ଟରର ୧୨ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଦୁଇଟି ବିଭାଗରେ କନିଷ୍ଠ ଓ ବରିଷ୍ଠ କରାଯାଇ ଥିଲା। ସେମାନଙ୍କ ମଧରେ ପ୍ରବନ୍ଧ ଲିଖନ, ସୃଜନଶୀଳ ଲିଖନ, ତର୍କ, ଗୀତ, ନୃତ୍ୟ, ଚିତ୍ରାଙ୍କନ ଇତ୍ୟାଦି ୧୦ଟି ବିଷୟରେ ପ୍ରତିଯୋଗିତା କରାଯାଇଥିଲା। ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଭା ଶେଷରେ ଏସଏମସି ସଭାପତି ବିଷ୍ଣୁଚରଣ କିଷାନ ଧନ୍ୟବାଦ ଅର୍ପଣ କରିଥିଲେ। କୈଳାସ ଚନ୍ଦ୍ର କିଷାନ, ରମେଶ ସେନାପତି, ଅରୁଣ କୁମାର ନାୟକ, ଯୋଗେଶ୍ୱର ମାହାନ୍ତ, ଶକୁନ୍ତଳା କିଷାନ, ମୋତିଲାଲ ମାହାନ୍ତ, ଗଣେଶ ଚନ୍ଦ୍ର କିଷାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପଶ୍ଚିମ ଓଡିଶା ବିକାଶ ପରିଷଦର ନୂତନ ଲୋଗୋ ଓ ଡାସବୋର୍ଡ ଉନ୍ମୋଚନ

ସୁନ୍ଦରଗଡ଼, ୨୧।୧୦(ଡି.ଏନ.ଏ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଆନୁକୂଲ୍ୟରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହାସହ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ନୂତନ ଲୋଗା ଓ ଡାସବୋର୍ଡ ମଧ ଉନ୍ମୋଚନ କରାଯାଇଛି। ଶୁକ୍ରବାର ଭର୍ଚୁଆଲ ମାଧମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧୀନରେ ଥିବା ୧୧ଟି ଜିଲା ସହିତ ସୁନ୍ଦରଗଡ଼ ଜିଲା ମଧ ଯୋଡ଼ା ହୋଇଥିଲା। ସୁନ୍ଦରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଓସୱାନ କନଫରେନ୍ସ ହଲଠାରେ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଭୈରବ ସିଂ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ଅଫିସ ଆଗରେ ଧାରଣା

- ଚୂନପଥର ଖଣି ପାଇଁ ଜମି ଅଧିଗ୍ରହଣକୁ ବିରୋଧ
- ଧାରଣାରେ ସାମିଲ ଶହଶହ ଆଦିବାସୀ ମହିଳାପୁରୁଷ

ସୁନ୍ଦରଗଡ଼, ୨୧।୧୦(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ ଥିବା ଏକ ଘରୋଇ କମ୍ପାନୀର ଚୂନପଥର ଖଣି ସମ୍ପ୍ରସାରଣ ସକାଶେ ଆବଶ୍ୟକ ହେଉଥିବା ଜମି ପାଇଁ ଜିଲା ପ୍ରଶାସନ ପକ୍ଷରୁ ଜମି ଅଧଗ୍ରହଣ ପ୍ରକ୍ରିୟା ଚାଲିଛି। ଏହାକୁ ବିରୋଧ କରି ଶୁକ୍ରବାର ସୁନ୍ଦରଗଡ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣ ଦେଇଛନ୍ତି ବିସ୍ଥାପିତ ହେବାକୁ ଥିବା ଗ୍ରାମବାସୀ ତଥା ଶହଶହ ଆଦିବାସୀ ମହିଳା ପୁରୁଷ। ଗତ ୧୮ ତାରିଖରୁ ରାଜଗାଙ୍ଗପୁର କେଶ୍ରାମାଲରୁ ବାହାରିଥିବା ପଦଯାତ୍ରାରେ ଶହଶହ ସଂଖ୍ୟାରେ ଆଦିବାସୀ ମହିଳାପୁରୁଷ ସାମିଲ ହୋଇ ସୁନ୍ଦରଗଡ଼ରେ ପହଞ୍ଚିଛନ୍ତି। ପୂର୍ବାହ୍ନ୧୧ଟାରେ ଏହି ଦାବି ନେଇ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେଇ ଜିଲା ପ୍ରଶାସନ ତୁରନ୍ତ ଏହି ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ବାତିଲ କରିବାକୁ ଦାବି କରିଛନ୍ତି। ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ଯୋଗଦେଇ ଏହି ଐତିହାସିକ ପଦଯାତ୍ରାରେ ଆସି ନିଜର ଭିଟାମାଟି ପାଇଁ ଆନ୍ଦୋଳନ କରୁଥିବା ଆଦିବାସୀଙ୍କ ଜୀବନ ଜୀବିକା ରକ୍ଷା କରି ସମ୍ବିଧାନ, ଜଙ୍ଗଲ ଅଧିକାର, ନୂତନ ଜମି ଅଧିଗ୍ରହଣ ନୀତି ଅନୁଯାୟୀ ଗ୍ରାମ ସଭାକୁ ସମ୍ମାନ ଜଣାଇ ପ୍ରଶାସନ କାର୍ଯ୍ୟ କରୁ ବୋଲି ଦାବି କରିଛନ୍ତି। ଏହି ଆନ୍ଦୋଳନରେ ରାଜଗାଙ୍ଗପୁର ବିଧାୟକ ସିଏସ ରାଜେନ ଏକ୍କା, ଜିଲା କଂଗ୍ରେସ କମିଟି ସଭାପତି ବେଣୁମାଧବ ତ୍ରିପାଠୀ, ଅମିତା ବିଶ୍ୱାଳ, ବିବୋଲ ଟପ୍ପୋ, ବିନୟ ଭୁଷଣ ବାର୍ଲା, ନିଲିମା ଟପ୍ପୋଙ୍କ ସହ ୫ଟି ପଞ୍ଚାୟତର ପ୍ରଭାବିତ ଗ୍ରାମବାସୀ ଏହି ଧାରଣାରେ ସାମିଲ ହୋଇଛନ୍ତି। ସୂଚନାଯୋଗ୍ୟ କମ୍ପାନୀ ପକ୍ଷରୁ ଏହି ଚୂନପଥର ଖଣି ସମ୍ପ୍ରସାରଣ ପାଇଁ ରାଜଗାଙ୍ଗପୁର ବ୍ଲକର ଅଲଣ୍ଡା, କୁକୁଡ଼ା, କେଶ୍ରାମାଲ, କଟଙ୍ଗ ଓ ଝରଗପୁର ପଞ୍ଚାୟତର ୭୧୭,୬୩ ଏକର ଜମି ଆବଶ୍ୟକ ହେଉଛି। ଏଥିପାଇଁ ପ୍ରଭାବିତ ହେବାକୁ ଥିବା ଗ୍ରାମବାସୀ ଜମି ଅଧିଗ୍ରହଣକୁ ବିରୋଧ କରୁଛନ୍ତି। ଜିଲାପାଳ ନିଜେ ଧାରଣାସ୍ଥଳକୁ ଆସି ଦାବିପତ୍ର ଗ୍ରହଣ କରି ପ୍ରତିଶ୍ରୁତି ଦେବାକୁ ଆନ୍ଦୋଳନକାରୀ ଅଡିବସିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଫାଟକରେ ଆନ୍ଦୋଳନକାରୀ ବସି ରହିଥିବାରୁ ଜିଲାପାଳଙ୍କ ସମେତ କୌଣସି ଅଧିକାରୀ, କର୍ମଚାରୀ ବାହାରକୁ ବାହାରି ପାରିନାହାନ୍ତି। ଆଇନଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ ହୋଇଛନ୍ତି।



ସୁନ୍ଦରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

# ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ

ରାଉରକେଲା ଅଫିସ,୨୧।୧୦

ରାଉରକେଲା ରିଜର୍ଭ ପୋଲିସ ପରେଡ ପଡିଆରେ ୬୩ତମ ପୋଲିସ ଶହୀଦ ଦିବସ ଶୁକ୍ରବାର ପାଳିତ ହୋଇଛି। ଏଥିରେ ପଶ୍ଚିମାଞ୍ଚଳ ଡିଆଇଜି ନିତିଶେଖର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶ ପାଇଁ ଜୀବନ ବଳି ଦେଇଥିବା ଆରକ୍ଷୀମାନେ ଆମ ଜାତି ଓ ଦେଶ ପାଇଁ ଚିରସ୍ମରଣୀୟ ହୋଇ ରହିବେ ବୋଲି କହିଥିଲେ। ପ୍ରତ୍ୟେକ ପୋଲିସ କର୍ମଚାରୀ ଦେଶପ୍ରେମ ଓ ତ୍ୟାଗ ମନୋଭାବ ନେଇ ନିଷ୍ଠାର ସହ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ଜିଆର୍‌ପି ଏସ୍‌ପି ଅରୁଣ କୁମାର ଜେନା ଓ ୪ର୍ଥ ବାଟାଲିୟନ କମାଣ୍ଡାଣ୍ଟ ବ୍ରଜ କିଶୋର ମିଶ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଆରକ୍ଷୀ ଓ ନିରାପତ୍ତା ବାହିନୀରେ କାର୍ଯ୍ୟରତ ସମୟରେ ଦେଶ ପାଇଁ ଶହୀଦ ହୋଇଥିବା ୨୬୧ ଜଣ ଯବାନଙ୍କ ସ୍ମୃତିଚାରଣ କରାଯାଇଥିଲା। ପରେ ଶହୀଦ ହୋଇଥିବା ସମସ୍ତ ଆରକ୍ଷୀ ଓ ନିରାପତ୍ତା ରକ୍ଷୀ ଯବାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୫ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ରିଜର୍ଭ ପୋଲିସ ଇନ୍ସପେକ୍ଟର ଦୀପ୍ତିରଞ୍ଜନ ଜେନାଙ୍କ ଅଧ୍ୟକ୍ଷତାରେ ଶହୀଦମାନଙ୍କ ସମ୍ମାନାର୍ଥେ ପରେଡ ପ୍ରଦର୍ଶନ କରାଯାଇଥିଲା। ଏହି ପରେଡରେ ୪ ପ୍ଲାଟୁନ ପୋଲିସ ଫୋର୍ସ ସାମିଲ ହୋଇଥିଲେ।



ଶହୀଦ ଦିବସରେ ପରେଡ୍ କରାଯାଉଛି ।

# ଦେବଗଡ଼ରେ ପୋଲିସ ଶହୀଦ ଦିବସ



ଦେବଗଡ଼ରେ ପୋଲିସ ଶହୀଦ ଦିବସ ପାଳନ କରାଯାଉଛି।

ଦେବଗଡ଼,୨୧।୧୦(ଡି.ଏନ୍.ଏ.)

ଦେବଗଡ଼ ଜିଲା ପୋଲିସ ପକ୍ଷରୁ ସ୍ଥାନୀୟ ପୋଲିସ ରିଜର୍ଭ ପଡିଆଠାରେ ଶୁକ୍ରବାର ୬୩ତମ ଓଡ଼ିଶା ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଏସ୍‌ପି ପ୍ରମୋଦ କୁମାର ରଥ ଅନୁଷ୍ଠିତ ଶହୀଦ ସ୍ମୃତି ପରେଡର ଅଭିବାଦନ ଗ୍ରହଣ କରିଥିଲେ। ଏହା ସହ ଶହୀଦ ହୋଇଥିବା ଦେଶର ୨୬୪ ଓ ରାଜ୍ୟର ୩ ଜଣ ଶହୀଦ ଯବାନଙ୍କ ଅମ୍ଲାନ ଆତ୍ମାର ସ୍ମୃତିଚାରଣ କରିଥିଲେ। ଏଥିସହ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ପୋଲିସ ମହାନିର୍ଦ୍ଦେଶକଙ୍କ ସମେତ ବିଭିନ୍ନ ମହଲରୁ ଆସିଥିବା ବାର୍ତ୍ତା ପାଠ କରିଥିଲେ। ସେହିପରି ଶହୀଦ ସ୍ମାରକଠାରେ ଶହୀଦ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ପୁଷ୍ପାଞ୍ଜଳୀ ଅର୍ପଣ ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଦେବଗଡ଼ ଜିଲାପାଳ ସୋମେଶ ଉପାଧ୍ୟାୟ, ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ପୌରାଧକ୍ଷା ଶାନ୍ତିମଞ୍ଜରୀ ଦେଈ, ଉପାଧକ୍ଷ ପ୍ରଜିତ କୁମାର ଭୋଜ, ଅତିରିକ୍ତ ଏସ୍‌ପି ଅଙ୍କୁର ମଲ୍ଲିକ, ଆଇଆରବି ୪ର୍ଥ ବାଟାଲିୟନର ଡେପୁଟି କାମାଣ୍ଡାଣ୍ଟ ବସନ୍ତ କୁମାର ନାଏକ,ଏସଡିପିଓ ଅନିଲ କୁମାର ବେଉରିଆ, ଡିଆଇବି ଡିଏସପି ପ୍ରଦୀପ କୁମାର କେରକେଟାଙ୍କ ସମେତ ସମସ୍ତ ଥାନା ଅଧିକାରୀ, ଜିଲା ପୋଲିସର ବରିଷ୍ଠ ଅଧିକାରୀ ଓ ଅବସରପ୍ରାପ୍ତ ସେନା କର୍ମଚାରୀ ସାମିଲ ହୋଇଥିଲେ।

# ଅର୍ଚ୍ଚନା ନାଗ ଘଟଣାରେ ଏସ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ

ରାଉରକେଲା ଅଫିସ,୨୧।୧୦

ଓଡିଶାରେ ବହୁଚର୍ଚ୍ଚିତ ଅର୍ଚ୍ଚନା ନାଗଙ୍କ କେଲେଙ୍କାରୀ ପଛରେ ଥିବା ମହାନାୟକମାନଙ୍କ ଫର୍ଦ୍ଦାଫାସ, ସରକାରୀ କଳର ଦୁରୁପଯୋଗ ଓ କଳାଧନ କାରବାର ଆଦିର ନିରପେକ୍ଷ ତଦନ୍ତ ଦାବି କରି ଜିଲା ଯୁବ କଂଗ୍ରେସ ପକ୍ଷରୁ ରାଉରକେଲା ଏସ୍‌ପିଙ୍କୁ ଶୁକ୍ରବାର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଯୁବ କଂଗ୍ରେସର ବହୁ କର୍ମକର୍ତ୍ତା ଏସ୍‌ପିଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ଅର୍ଚ୍ଚନା ନାଗ କେଲେଙ୍କାରୀରେ ସମ୍ପୃକ୍ତ ଥିବା ରାଜ୍ୟ ସରକାରଙ୍କ ବହୁ ନେତା, ମନ୍ତ୍ରୀଙ୍କୁ ଲୋକଲୋଚନକୁ ଆଣିବାକୁ ଦାବି କରିଥିଲେ। ରାଜ୍ୟରେ ଗରିବ ଜନସାଧାରଣ ପେଟପାଟଣା ପାଇଁ ପ୍ରତିଦିନ ସଂଘର୍ଷ କରୁଥିବାବେଳେ ଜନପ୍ରତିନିଧିମାନେ ଅର୍ଚ୍ଚନା ନାଗଙ୍କ ଭଳି ମହିଳାଙ୍କ ପଛରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିବାକୁ ନେଇ କଂଗ୍ରେସ ପକ୍ଷରୁ ନିନ୍ଦା କରାଯାଇଥିଲା। ତେଣୁ ପୋଲିସ ଉକ୍ତ ଘଟଣାର ନିରପେକ୍ଷ ତଦନ୍ତ କରି ପ୍ରକୃତ ସତ୍ୟାସତ୍ୟ ରାଜ୍ୟବାସୀଙ୍କୁ ଜଣାନ୍ତୁ ବୋଲି ଦଳ ପକ୍ଷରୁ ଦାବି ହୋଇଛି। ଜିଲା ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର କୁମାର ଦାସ, ସବୀର ହୁସେନ, ନିହାର ରଞ୍ଜନ ଦାସ, ଗଣେଶ ପ୍ରଧାନ, ବିନୋଦ ଚନ୍ଦ୍ର ରାଉତ, ରଞ୍ଜିତା ମଲ୍ଲିକ, ମନମାଳି ବିଶି, କୀର୍ତ୍ତନ ଦାସ, ନିରୁପମା ବଳିଆରସିଂ, ପ୍ରଭାତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।





ଏସ୍‌ପି ଅଫିସ୍ ଆଗରେ ଯୁବ କଂଗ୍ରେସ କର୍ମକର୍ତ୍ତା।

# କୁତ୍ରା ପଞ୍ଚାୟତ ସମିତି ବୈଠକ

କୁତ୍ରା, ୨୧।୧୦(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ଶୁକ୍ରବାର ପଞ୍ଚାୟତ ସମିତି ବୈଠକ ଅଧକ୍ଷା ଶାନ୍ତିଲତା ଲାକଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକକୁ ଉପାଧକ୍ଷ କୌସ୍ତୁବ ଭୂଷଣ ହୋତା ପରିଚାଳନା କରିଥିଲେ। ଏହି ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡ଼ିଓ) ରବୀନ୍ଦ୍ର କୁମାର ସେଠୀ,ଏବିଡିଓ ଲିଲି ସଂଜିତା ମିଞ୍ଜ, ସହକାରୀ ଯନ୍ତ୍ରୀ ଅଶୋକ କୁମାର ମହାନ୍ତି, ଜିପିଇଓ ନଗେନ୍ଦ୍ର କୁମାର ଦାସ, ସାଂସଦ ପ୍ରତିନିଧି ମହାରାଜ ମାଝୀ, ବିଧାୟକ ପ୍ରତିନିଧି ସନ୍ତୋଷ କୁମାର ବେହେରା, ଜିଲା ପରିଷଦ ସଭ୍ୟ ଗଙ୍ଗାରାମ ମିଞ୍ଜ, ପିଙ୍କି ସୁନ୍ୟାନୀ, ସମସ୍ତ ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକର ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ବନବିଭାଗ ସହ ବ୍ଲକର ସମସ୍ତ ବିଭାଗର ବିକାଶମୂଳକ କାର୍ଯ୍ୟ ନେଇ ଆଲୋଚନା ହୋଇଥିଲା। ବିଶେଷ ଭାବରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ସହ ବିଭିନ୍ନ କାରଣରୁ ରୋଗୀ ସେବା ବ୍ୟାହତ ହେଉଥିବା ନେଇ ଆପତ୍ତି ଉଠିବା ସହ ଏନେଇ ସମସ୍ତ ସଦସ୍ୟ ଜିଲା ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ ଆଣିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ସେହିପରି କୁତ୍ରା ବ୍ଲକ ଅନ୍ତର୍ଗତ ଝାରବେଡା, କଟଙ୍ଗ, ତୁନମୁରା ଏବଂ ଆମ୍ବଗୋଭାରେ ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୬ବର୍ଷ ତଳେ କମ୍ୟୁନିଟି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଅଧାରେ ପଡି ରହିଥିବା ନେଇ ଜିଲା ପରିଷଦ ସଭ୍ୟ ଗଙ୍ଗାରାମ ମିଞ୍ଜ କ୍ଷୋଭ ପ୍ରକାଶ କରିଥିଲେ। ଏହାର ନିର୍ମାଣ କାର୍ଯ୍ୟ ଶେଷ କରିବା ଉପରେ ବ୍ଲକ ପ୍ରଶାସନ ପଦକ୍ଷେପ ନେବାକୁ ଦାବି ଜଣାଇଥିଲେ। ଅନ୍ୟ ପକ୍ଷରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଜନପ୍ରତିନିଧିଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ।

# ରାଜଗାଙ୍ଗପୁର ଚାମ୍ପିୟନ

- ଫାଓ ଖେଲୋ ଇଣ୍ଡିଆ ୧୭ ବର୍ଷରୁ କମ ବାଳିକା ବର୍ଗରେ ଫୁଟବଲ ଲିଗ୍ ଉଦ୍‌ଯାପିତ

ସୁନ୍ଦରଗଡ଼,୨୧।୧୦(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କ୍ରୀଡା ସଂସଦ ଏବଂ ଫୁଟବଲ ଆସୋସିଏସନ ଅଫ୍ ଓଡିଶା (ଫାଓ)ର ମିଳିତ ଆନୁକୂଲ୍ୟରେ କିର୍ଣ୍ଣିମା ବିଜୁପଟ୍ଟନାୟକ ମିନିଷ୍ଟାଡିୟମରେ ଚାଲିଥିବା ଫାଓ ଖେଲୋ ଇଣ୍ଡିଆ ୧୭ ବର୍ଷରୁ କମ୍ ବାଳିକା ଫୁଟବଲ ଲିଗ ଶୁକ୍ରବାର ଉଦଯାପିତ ହୋଇଛି। ଲିଗ ପର୍ଯ୍ୟାୟରେ ହୋଇଥିବା ସମସ୍ତ ୩୦ଟି ମ୍ୟାଚରେ ରାଜଗାଙ୍ଗପୁର ଦଳ ଓ କୁଆଁରମୁଣ୍ଡା ଦଳ ସମାନ ୨୪ ପଏଣ୍ଟ ହାସଲ କରିଥିଲେ। କିନ୍ତୁ ଗୋଲ ସ୍କୋର ବ୍ୟବଧାନରେ ରାଜଗାଙ୍ଗପୁର ଦଳ ଚାମ୍ପିୟନ ଓ କୁଆଁରମୁଣ୍ଡା ଦଳ ରନର୍ସ ଅପ୍ (ଉପବିଜେତା) ହୋଇଛନ୍ତି। ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୨୫ ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ସେହିପରି ତୃତୀୟ ସ୍ଥାନରେ ସେଣ୍ଟମେରୀ ସ୍କୁଲ ସୁନ୍ଦରଗଡ, ଚତୁର୍ଥ ସ୍ଥାନରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଦଳ, ୫ମ ସ୍ଥାନରେ କିଞ୍ଜିରିକେଲା ଉଚ୍ଚ ବିଦ୍ୟାଳୟ, ୬ଷ୍ଠ ସ୍ଥାନରେ କିର୍ଣ୍ଣିମା ଉଚ୍ଚ ବିଦ୍ୟାଳୟ ରହିଥିଲେ। ସମସ୍ତ ୪ଟି ଦଳକୁ ୫ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। କୁଆଁରମୁଣ୍ଡା ଦଳର ମଧୁସ୍ମିତା ମିଞ୍ଜଙ୍କୁ ଟୁର୍ନାମେଣ୍ଟର ଉଦୀୟମାନ ଖେଳାଳି ତଥା ରାଉରକେଲା ଦଳର କୀର୍ତ୍ତି କିଷାନଙ୍କୁ ସର୍ବାଧିକ ଗୋଲ ସ୍କୋରର ଭାବେ ଏବଂ ରାଜଗାଙ୍ଗପୁର ଦଳର ରାନୀ ଖଡିଆଙ୍କୁ ପୁରସ୍କୃତ କରାଯାଇଥିଲା। ଖେଳକୁ ରେଫରୀ ରୀନା ତିର୍କୀ, ସୁମନୀ ଲାକ୍ରା, ଫୁଲାନ୍ତୀ ଟପ୍ପୋ, ବାସନ୍ତୀ କିଷାନ, ବାଲମତି ଓରାମ ପରିଚାଳନା କରିଥିଲେ। ଜାତୀୟ ରେଫରୀ ଦୁର୍ଗା ମାଧବ ନାଏକ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଯାପନୀ ସମାରୋହରେ କିର୍ଣ୍ଣିମା ମହାବିଦ୍ୟାଳୟର ଅଧକ୍ଷ ମନୋଜ ଚୌଧୁରୀ ମୁଖ୍ୟ ଅତିଥି ଏବଂ ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଚାମ୍ପିୟନ ଓ ରନର୍ସ ଅପ ଦଳ ତଥା ଶ୍ରେଷ୍ଠ ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତୀ କୁମାର ଭୋଳ, ଫୁଟବଲ ସମ୍ପାଦକ ନିତ୍ୟକୁମାର ବଳଙ୍କ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ହୋଇଥିଲା।

# ନଦୀରେ ଭାସିଯାଇ ଯୁବକ ମୃତ

ରାଉରକେଲା ଅଫିସ,୨୧।୧୦

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଶଙ୍ଖ ନଦୀରେ ଭାସିଯାଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଶ୍ୟାମଲାଲ ତନ୍ତୀ(୨୭)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୭୫।୨୨) ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ଶୁକ୍ରବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁସାରେ, ବୀରମିତ୍ରପୁର ଥାନା ଉଷ୍ରା ଗ୍ରାମର ଶ୍ୟାମଲାଲ ଗୁରୁବାର ଦିନ ସାଢ଼େ ୧୨ଟାରେ ଶଙ୍ଖ ନଦୀକୁ ଗାଧେଇବାକୁ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ ଏବଂ ଥାନାରେ ଅଭିଯୋଗ କରିଥିଲେ। ଶୁକ୍ରବାର ସକାଳ ସାଢ଼େ ୭ଟାରେ ବେଦବ୍ୟାସ ସ୍ଥିତ ଲୁଙ୍ଗେଇ ବସ୍ତି ନିକଟ ବାଲୁଘାଟରେ ଏକ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ମୃତଦେହ ଜବତ କରିଥିଲା।



ଦେବଗଡ଼ ସହର ନିକଟସ୍ଥ ଘାଟି ଉପରେ ରାଜପଥର ଆକାଶମାର୍ଗରୁ ଦୃଶ୍ୟ।

# ମହୁମାଛି ଆକ୍ରମଣରେ ୧୩ ଆହତ, ୨ ଗୁରୁତର







ମହୁମାଛି ଆକ୍ରମଣରେ ଆହତମାନେ ଚିକିତ୍ସିତ ହେଉଛନ୍ତି।

ଦେବଗଡ଼,୨୧।୧୦(ଡି.ଏନ.ଏ)

ଜଣେ ବ୍ୟକ୍ତିଙ୍କର ମୃତଦେହ ସତ୍କାର କରିବାକୁ ଯାଇଥିବାବେଳେ ମହୁମାଛି ଆକ୍ରମଣରେ ଦେବଗଡ଼ ପୌରାଞ୍ଚଳ ପତ୍ରାପାଲିସାହିର ୧୩ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଗୁରୁତର ଆହତ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ରାତିରେ ପତ୍ରାପାଲିସାହିର ଜୟ ମୁଣ୍ଡାଙ୍କ ମୃତ୍ୟୁ ଘଟିଥିଲା। ମୃତଦେହ ସତ୍କାର ପାଇଁ ଶୁକ୍ରବାର ପୂର୍ବାହ୍ନରେ ତାଙ୍କ ପରିବାର ସଦସ୍ୟ ଏବଂ ସମ୍ପର୍କୀୟମାନେ ନିକଟସ୍ଥ ଶ୍ମଶାନକୁ ନେଇଥିଲେ। ସେଠାରେ ଅନ୍ତିମ ସତ୍କାର ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ନିକଟସ୍ଥ ଏକ ଅର୍ଜୁନ ଗଛରେ ବସା ବାନ୍ଧିଥିବା ମହୁମାଛି ସେମାନଙ୍କୁ ଗୋଡାଇ ଗୋଡାଇ ଆକ୍ରମଣ କରିଥିଲେ। ମହୁମାଛି ଆକ୍ରମଣରୁ ବର୍ତ୍ତିବା ନିମନ୍ତେ କେତେକ ବ୍ୟକ୍ତି ମୃତଦେହ ଛାଡି ସେଠାରୁ ଧାଇଁ ପଳାଇଥିବା ବେଳେ ଆକାଶ ମୁଣ୍ଡା, ଦିଲ୍ଲୀପ ମୁଣ୍ଡା, ରାଜକୁମାର ମୁଣ୍ଡା, ମନ ମୁଣ୍ଡା, ବେଦ ମୁଣ୍ଡା, ଦୟା ମୁଣ୍ଡା, ଅର୍ଜୁନ ମୁଣ୍ଡା, ପଦୁ ମୁଣ୍ଡା, ସତ୍ୟ ମୁଣ୍ଡା, ଦୀପକ ମୁଣ୍ଡା ଓ ସୌଭାଗ୍ୟ ମୁଣ୍ଡା, କୁଞ୍ଜ ମୁଣ୍ଡା ଓ ମନୋହର ମୁଣ୍ଡା ପ୍ରମୁଖ ୧୩ ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ କୁଞ୍ଜ ମୁଣ୍ଡା (୭୪) ଓ ମନୋହର ମୁଣ୍ଡା (୫୪) ଗୁରୁତର ଆହତ ହୋଇଥିଲେ। ଉପରୋକ୍ତ ୧୩ ଜଣ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିଲେ। ମହୁମାଛି ଶାନ୍ତ ହେବା ପରେ ମୃତ ଜୟଙ୍କ ବନ୍ଧୁ ପରିଜନମାନେ ପୁଣି ଥରେ ଶ୍ମଶାନକୁ ଯାଇ ଜୟଙ୍କର ଅନ୍ତିମ ସତ୍କାର କରିଥିବା ସୂଚନା ମିଳିଛି।

## କୂଅରେ ପଡ଼ି ଅଙ୍ଗନୱାଡି ଶିଶୁ ମୃତ

ବୌଦ୍ଧ,(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତଳଗାଁ ପଞ୍ଚାୟତର ଘୋରଡାମୁଣ୍ଡା ଅଙ୍ଗନୱାଡି କେନ୍ଦ୍ରର ଜଣେ ଛାତ୍ର ଶୁକ୍ରବାର କୂଅରେ ପଡି ମୃତ୍ୟୁ ହୋଇଛି। ଗୋଛାବାରି ଗ୍ରାମର ଉମାକାନ୍ତ ପ୍ରଧାନଙ୍କ ପୁଅ ଶୁଭଙ୍କର (୩) ଘୋରଡାମୁଣ୍ଡା ଅଙ୍ଗନ୍ୱାଡି କେନ୍ଦ୍ରକୁ ପାଠ ପଢିବାକୁ ଯାଇଥିଲେ। ପାଠପଢିସାରି ଘରକୁ ଫେରୁଥିବାବେଳେ ବାଟରେ ଥିବା ଏକ କୂଅରେ ପଡିଯାଇଥିଲେ। ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ। ଶେଷରେ ବାଟରେ ଥିବା କୂଅକୁ ଦେଖିବାରେ ଶୁଭଙ୍କର ମୃତଦେହ ପଡିଥିଲା। ପରିବାର ଲୋକ ଅଙ୍ଗନୱାଡି କର୍ମଚାରୀଙ୍କ ବେପରୁଆ କାର୍ଯ୍ୟ ଯୋଗୁ ପୁଅର ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି।



## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com


@ ସାନନ୍ଦ


@ ରିକୁନ


@ ଖଗେସ୍


@ ଆଲୋକ


@ ସୁମନ୍ତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଡିସେମ୍ବର ପହିଲାରୁ ଖରିଫ ଧାନକିଣା

**ବରଗଡ଼ ଜିଲା**
- ଏଥର ମଧ୍ୟ ଟୋକନ କଟକଣା
- ଜିଲାରେ ପୁଣି ବଢ଼ିବ ଧାନମଣ୍ଡି
- ଏସ୍‌ଏଚ୍‌ଜିକୁ ଧାନକିଣା ସୁଯୋଗ

**ବରଗଡ଼ ଅଫିସ୍,୨୧।୧୦**

ବରଗଡ଼ ଜିଲାରେ ଆସନ୍ତା ଡିସେମ୍ବର ପହିଲାରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ଏହି କ୍ରମରେ ଡିସେମ୍ବର ୧ରୁ ଅତାବିରା, ୨ରୁ ଭେଡ଼େନ, ବରଗଡ଼, ବରପାଲି, ଭଟଲି, ସୋହେଲା, ୩ରୁ ପଦ୍ମପୁର, ପାଇକମାଳ, ୪ରୁ ଝାରବନ୍ଧ, ବିଜେପୁର, ୬ରୁ ଅମ୍ବାଭୋନା ଏବଂ ୭ତାରିଖରୁ ଗାଇସିଲେଟ୍ ବ୍ଲକ ଅଧୀନରେ ରହିଥିବା ମଣ୍ଡିଗୁଡ଼ିକରୁ ଧାନ କିଣାବିକା ଚାଲିବ। ଏଥର ମଧ୍ୟ ଟୋକନ କଟକଣା ରହିଛି। ତେବେ ଟୋକନ ଅବଧି କେତେଦିନ ରହିବ ଏବଂ ଏକର ପ୍ରତି ଚାଷୀଙ୍କଠାରୁ କେତେ ପରିମାଣ ଧାନ କିଣାଯିବ, ତାହା ନିଷ୍ପତ୍ତି ହୋଇପାରିନାହିଁ। ରାଜ୍ୟ ଧାନ ସଂଗ୍ରହ କମିଟି ସେ ନେଇ ନିଷ୍ପତ୍ତି ନେବ। ଏଥର ସାଧାରଣ ଧାନ କୁଇଣ୍ଟାଲ ପ୍ରତି ୨୦୪୦ ଟଙ୍କା ଏବଂ ଗ୍ରେଡ୍-ଏ ଧାନ କୁଇଣ୍ଟାଲ ପ୍ରତି ୨୦୬୦ ଟଙ୍କା ରହିଛି ବୋଲି ଶୁକ୍ରବାର ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲାପାଳ ମୋନିଷା ବାନାର୍ଜୀ ସୂଚନା ଦେଇଛନ୍ତି।

ଜିଲାପାଳ ସୂଚନା ଦେଇ କହିଥିଲେ, ଗତବର୍ଷ ଭଳି ଏଥର ମଧ୍ୟ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଏବଂ


ବରଗଡ଼ରେ ଧାନ ସଂଗ୍ରହ ନୀତି ନିର୍ଦ୍ଧାରଣ ବୈଠକ ।

ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି) ଜରିଆରେ ଯୋଗାଣ ନିଗମ ଧାନ କିଣିବ ଏବଂ ପି-ପାସ୍ (ପେଡ୍ଡି ପ୍ରକ୍ୟୁରମେଣ୍ଟ ଅଟୋନମସ୍ ସିଷ୍ଟମ) ମାଧ୍ୟରେ ୨୪ରୁ ୪୮ଘଣ୍ଟା ମଧ୍ୟରେ ଚାଷୀଙ୍କୁ ବିକ୍ରିଧାନର ପ୍ରାପ୍ୟରାଶି ମିଳିବ। ଅନ୍ୟବର୍ଷ ଭଳି ଏଥର ମଧ୍ୟ ଜିଲାର ୫୮ ପ୍ୟାକ୍ସ ଧାନକିଣାରେ ସାମିଲ ହେବେ। ସେହିପରି ଏଥିରେ ୨୬ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସାମିଲ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଆହୁରି ଅଧିକ ୧୨ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରକ୍ରିୟା ଚାଲିଛି। ସେହିପରି ଜିଲାର ୧୧୨ ମିଲର୍ସଙ୍କ ମଧ୍ୟରୁ ଯୋଗ୍ୟତା ଭିତ୍ତିରେ ସେମାନଙ୍କୁ କଷ୍ଟମ ମିଲିଂ ମାଧ୍ୟମରେ ଧାନ ଉଠାଣ ଅନୁମତି ଦିଆଯିବ ବୋଲି ଜିଲାପାଳ ବାନାର୍ଜୀ କହିଥିଲେ।

ଏଥର ଜିଲାରେ ୨୦୫ ମଣ୍ଡି ଖୋଲିବ। ସେଥିରୁ ବରଗଡ଼ ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ଅଧୀନରେ ୭୧, ଅତାବିରା ଆର୍‌ଏମ୍‌ସି ୫୭ ଏବଂ ପଦମପୁର ଆର୍‌ଏମ୍‌ସି ଅଧୀନରେ ୭୭ ମଣ୍ଡି ରହିଛି। ଅନ୍ୟ ୧୧ପଞ୍ଚାୟତରେ ନୂଆ ଧାନ ମଣ୍ଡି ଖୋଲିବା ପ୍ରସ୍ତାବ ରହିଥିବା ସୂଚନା ଦିଆଯାଇଥିଲା। ମଣ୍ଡିଗୁଡ଼ିକ ସପ୍ତାହରେ ୬ ଦିନ ଖୋଲିବ ଏବଂ ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଧାନ ସଂଗ୍ରହ କରାଯିବ। ଅପରାହ୍ନ ୧ଟାରୁ ଧାନ ଉଠାଣ ପ୍ରକ୍ରିୟା ଚାଲିବ ବୋଲି ଜିଲା ଯୋଗାଣ ଅଧିକାରୀ ଦାଶରଥି ସୋରେନ ସୂଚନା ଦେଇଥିଲେ। ମଣ୍ଡିଗୁଡ଼ିକରେ ଆର୍ଦ୍ରତା ମିଟର, ତାରପୋଲିନ, ପଲିଥିନ, ୱେ ବ୍ରିଜ, ଆନାଲିଷ୍ଟ କିଟ୍ ଠିକ୍ ଭାବେ ରଖିବା ସହିତ ଆଲୋକ, ପାନୀୟଜଳ ବ୍ୟବସ୍ଥା ଏବଂ ମଣ୍ଡିରେ ଯେଭଳି ଧାନ ସୁରକ୍ଷିତ ରହିବ, ସେ ଦିଗରେ ପଦକ୍ଷେପ ନେବାକୁ ଜିଲାପାଳ ବାନାର୍ଜୀ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଧାନ ସଂଗ୍ରହ ପ୍ରକ୍ରିୟା ସମ୍ପର୍କିତ ଅଭିଯୋଗ ପାଇଁ ନିର୍ଦ୍ଦିଷ୍ଟ ଟୋଲ ଫ୍ରି ଏବଂ ଫୋନ ନମ୍ବର ରଖାଯାଇଥିବା ବେଳେ ଚାଷୀମାନେ ସେ ନେଇ ଅଭିଯୋଗ କରିପାରିବେ ବୋଲି ସୂଚନା ଦିଆଯାଇଥିଲା।

ଅନ୍ୟପକ୍ଷେ ଧାନର ମଣ୍ଡି ହ୍ୟାଣ୍ଡଲିଂ, ଗନିବ୍ୟାଗ୍ ଏବଂ ମଣ୍ଡି ଅବ୍ୟବସ୍ଥା ନେଇ ବୈଠକରେ ଚାଷୀମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ସେ ନେଇ ଜିଲାପାଳ ବାନାର୍ଜୀ ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ସେହିପରି ମଣ୍ଡିରେ ହିଁ ଧାନର ଗୁଣମାନ ପରୀକ୍ଷା ହେବ ଏବଂ ମଣ୍ଡିରେ ପ୍ୟାକ୍ସ ଧାନ କିଣିବା ପରେ ମିଲର୍ସ ସେଠାରୁ ତାହା ଉଠାଇବେ ବୋଲି ମଧ୍ୟ ସେ କହିଥିଲେ। ବୈଠକରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ରୀତା ସାହୁ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କ ସମେତ ଅନ୍ୟ ପଦାଧିକାରୀ, ଚାଷୀ ଏବଂ ମିଲର୍ସ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# କୋମନା ଅଞ୍ଚଳରେ ୨ ଦନ୍ତାଙ୍କ ଆତଙ୍କ

**ନୂଆପଡ଼ା ଅଫିସ୍,୨୧।୧୦**

କିଛି ମାସର ବ୍ୟବଧାନରେ ପୁଣି ନୂଆପଡା ଜିଲାକୁ ୨ଟି ଦନ୍ତାହାତୀ ଆସି ବିଭିନ୍ନ ଫସଲ ନଷ୍ଟ କରି ଆତଙ୍କ ସୃଷ୍ଟି କରୁଛି। ଭୟରେ ଲୋକେ ଜମିବାଡି, ଜଙ୍ଗଲକୁ ଯାଉ ନ ଥିବା ବେଳେ ଡାଟିକବାଟ ବନ୍ଦ କରି ଦେଇଛନ୍ତି। ଶୁକ୍ରବାର କୋମନା ବ୍ଲକ ଅଧୀନ ସୁନାବେଡା ଅଭୟାରଣ୍ୟ ପାହାଡ ତଳି ବାଟିବାହାଲ, ବିଶିବାହାଲ, ଲିଟିବାହାଲ, ଢୋର୍ଲାମୁଣ୍ଡା, ଆଗ୍ରେନ୍, ଗୋଇଜୋର, ମଲିକମୁଣ୍ଡା, ବେଲଗାଁ, ଛତା, ଗେରୁଜୋର, ରଜନା, ମାଠିଆପଦର, ଦେଓଦର୍ହା, ମାଲିମୁଣ୍ଡା, କୋଟ୍ରିବାହାଲି, ଥପାପଡା, ମିଛାପାଲି ଆଦି ଗାଁରେ ହାତୀ ଗାଁ ଦାଣ୍ଡରେ ବୁଲୁଥିବା ଦେଖି ଲୋକଙ୍କ ଭିତରେ ଭୟ ସୃଷ୍ଟି କରି ଦେଇଛି। ଦୁଇ ଦନ୍ତା ହାତୀ ବରକୋଟ ଘାଟି ଦେଇ ଚେରେଚୂଆଁ ଗାଁରେ ପହଞ୍ଚିଛି। ଚେରେଚୂଆଁରେ ୨ଦନ୍ତା ରହିଥିବାରୁ ସୁନାବେଡା ପାହାଡ ଉପରକୁ ଯାତାୟାତ ବନ୍ଦ ରହିଥିଲା। ବର୍ତ୍ତମାନ ବନ୍ଧାପାଟ ଦେଇ ଗୋଇଜୋର ଦେଇ ଯାଉଥିବା


ଦୁଇ ଦନ୍ତା ଗାଁ ଦାଣ୍ଡରେ ବୁଲୁଛନ୍ତି।

ବନ ବିଭାଗ ନଜିର ରଖିଛି। କୋମନା ବନ ବିଭାଗ ରେଞ୍ଜର ଦେବଦତ ସୁତାରଙ୍କ ନେତୃତ୍ୱରେ ଏକ ଦଳ ଗାଁ ଗାଁ ବୁଲି ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରୁଛନ୍ତି। ବନ ବିଭାଗ କର୍ମଚାରୀମାନେ ହାତୀର ଗତିବିଧି ଲକ୍ଷ୍ୟ ରଖୁଛନ୍ତି। ହାତୀ ଘୋଉଡାଇବା ପାଇଁ ଆଇଟିସିଇଏ ସ୍କାର୍ଡ, ହାତୀ ସୁରକ୍ଷା କର୍ମୀ, ସୁରକ୍ଷା କର୍ମୀ, ଫରେଷ୍ଟର ଘନଶ୍ୟାମ ଶବର, କ୍ଷମାନିଧି ଶବର, ଜୟଲାଲ ପ୍ରସାଦ ଶୁକ୍ଲା, ଫରେଷ୍ଟ ଗାର୍ଡ ବିଜୁଲ ରାଉତ ରାୟ, ଯାଜ୍ଞସେନୀ କ୍ଷେତି ପ୍ରମୁଖ ନିୟୋଜିତ ଅଛନ୍ତି।

## ୨୦ଲକ୍ଷ ଟଙ୍କା ମୂଲ୍ୟର ଲୁହା ପାଇପ୍ ଜବତ

**କୁଆଁରମୁଣ୍ଡା,୨୧।୧୦(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଲୋଡୋସେରା ନିକଟରେ ଥିବା ଏକ ଲୁହା ପାଇପ୍ କାରଖାନାରୁ ଚଞ୍ଚକତା ଓ ଠକେଇ କରି ଔରଙ୍ଗବାଦ ଅଞ୍ଚଳର ଟ୍ରକ ଚାଳକ ଆଶ୍ଲୋକ କୁମାର ବିଶ୍ୱକର୍ମା(୨୪) ୨୦ଲକ୍ଷ ଟଙ୍କା ମୂଲ୍ୟର ଲୁହା ପାଇପ୍ ବେଦବ୍ୟାସର ଏକ ଟ୍ରାନ୍ସପୋର୍ଟର ଜରିଆରେ ବୋକାର ନେଇ ଫେରାର୍ ହୋଇଯାଇଥିଲେ। ଏନେଇ ସମ୍ପୃକ୍ତ କାରଖାନା ପକ୍ଷରୁ ଗତ ମଙ୍ଗଳବାର କୁଆଁରମୁଣ୍ଡା ଫାଣ୍ଡିରେ ଅଭିଯୋଗ ହୋଇଥିଲା। ପରେ ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମ, ବୀରମିତ୍ରପୁର ଏସ୍‌ଡିପିଓ ମାନସରଞ୍ଜନ ପ୍ରଧାନ ଓ ଏକ ପୋଲିସ ଟିମ୍ ବୋକାରୋ ଯାଇ ଅଭିଯୁକ୍ତ ଟ୍ରକ ଚାଳକ ଆଶ୍ଲୋକ କୁମାର ବିଶ୍ୱକର୍ମାଙ୍କୁ ଗିରଫ କରିଥିଲେ। ଏହାସହ ଲୁହା ପାଇପ୍ ସହ ଟ୍ରକ ଓଡି୨୯ ଏଫ୧୦୫୭କୁ ଜବତ କରିଛନ୍ତି। ଚାଳକ ଆଶ୍ଲୋକଙ୍କୁ ଘଟଣା ବିଷୟରେ ଅଧିକ ପଚରାଉଚରା କରାଯାଉଛି। ଶନିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଫାଣ୍ଡି ଅଧିକାରୀ ଓରାମ ସୂଚନା ଦେଇଛନ୍ତି।




# ୨ ବାଇକ୍ ମୁହାଁମୁହିଁ ଧକ୍କା: ୨ ମୃତ

- ସ୍ତ୍ରୀ ଆଗରେ ପ୍ରାଣ ହରାଇଲେ ବିଏସ୍‌ଏଫ୍ ଯବାନ
- ଶ୍ରାଦ୍ଧ କାର୍ଯ୍ୟରେ ଯୋଗ ଦେଇ ଫେରୁଥିଲେ ଦମ୍ପତି

**ଲୋଇସିଂହା,୨୧।୧୦(ଡି.ଏନ.ଏ.):** ବଲାଙ୍ଗୀର ସଦର ଥାନା ତଥା ଲୋଇସିଂହା ବ୍ଲକ କୁଶଙ୍ଗ ପଞ୍ଚାୟତ ଅନ୍ତର୍ଗତ ଭଦ୍ରାଛକଠାରେ ଶୁକ୍ରବାର ଦୁଇଟି ବାଇକ୍ ମଧରେ ମୁହାଁମୁହିଁ ଧକ୍କା ହେବା ଫଳରେ ୨ ଜଣଙ୍କ ମୃତ୍ୟୁ ଘଟିଛି ଓ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଆମ୍ବପାଲି ଗ୍ରାମର ଅବସରପ୍ରାପ୍ତ ବିଏସ୍‌ଏଫ୍ ଯବାନ ପ୍ରଶାନ୍ତ ପଟେଲ ଓ ଉପରଉଡାର ଗ୍ରାମର କୁଶ ଚିରଙ୍ଗୁନ। ଆହତ ମହିଳା ଜଣକ ବିଏସଏଫ ଯବାନଙ୍କ ସ୍ତ୍ରୀ ବୋଲି ଜଣାଯାଇଛି। ପ୍ରକାଶ ଯେ, କୁଶଙ୍ଗ ପଞ୍ଚାୟତ ଅନ୍ତର୍ଗତ ଆମ୍ବପାଲି ଗାଁର ପ୍ରଶାନ୍ତ ପଟେଲ ଶୁକ୍ରବାର ସ୍ତ୍ରୀଙ୍କ ସହ ପଞ୍ଚାୟତ ଅଧୀନ ବଞ୍ଜାରି ଗାଁରେ ଏକ ଶ୍ରାଦ୍ଧ କାର୍ଯ୍ୟରେ ଯୋଗଦେଇ ଅପରାହ୍ନରେ ମୋଟର ସାଇକେଲରେ ଘରକୁ ଫେରୁଥିଲେ। ଭଦ୍ରାଛକରେ ଉପରଉଡାର ଗ୍ରାମର କୁଶ ଚିରଙ୍ଗୁନଙ୍କ ବାଇକ୍ ସହ ତାଙ୍କ ବାଇକ୍‌ର ମୁହାଁମୁହିଁ ଧକ୍କା ଦେଇଥିଲା । ଫଳରେ ଉଭୟ ବାଇକ୍‌ର ୩ଜଣ ତଳେ ପଡି ଗୁରୁତର ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବଲାଙ୍ଗୀର ଭୀମଭୋଇ ମେଡିକାଲ ନେଇଥିଲେ। ସେଠାରେ ପ୍ରଶାନ୍ତ ଏବଂ କୁଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ସଦର ପୋଲିସ ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେପ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ ହୋଇଛି। ସୂଚନାଯୋଗ୍ୟ, ମୃତ ବିଏସ୍‌ଏଫ୍ ଯବାନଙ୍କ ୨ଜଣ ପୁଅ ଏବଂ ଝିଅ ଅଛନ୍ତି। ଦୁର୍ଘଟଣାକୁ ନେଇ ଆମ୍ବପାଲି ଓ ଉପରଉଡାରରେ ଶୋକର ଛାୟା ଖେଳିଯାଇଛି।




# ଲୋକାର୍ପଣ ହେଲା ଫ୍ଲାଏଓଭର ବ୍ରିଜ୍

- ସରକାରୀ କାର୍ଯ୍ୟକ୍ରମରେ ଦଳୀୟ ନେତା
- ଅସନ୍ତୋଷ ବ୍ୟକ୍ତ କଲେ ଜିଲାପାଳ

**ସମ୍ବଲପୁର,୨୧।୧୦(ବ୍ୟୁରୋ)**

ସମ୍ବଲପୁର ସହରରେ ବହୁ ପ୍ରତୀକ୍ଷିତ ଫ୍ଲାଏଓଭର ବ୍ରିଜ ଶୁକ୍ରବାର ଲୋକାର୍ପିତ ହୋଇଛି। ଜିଲାପାଳ ଅନନ୍ୟା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଜିଲାପରିଷଦ ସଭାପତି କୁମୁଦିନୀ ନାୟକ, ଆରଡ଼ିସି ଡ. ସୁରେଶ ଚନ୍ଦ୍ର ଦଲେଇଙ୍କ ସମେତ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ମନ୍ତ୍ରୀ ମଲ୍ଲିକ କହିଥିଲେ, ସମ୍ବଲପୁର ସହରରେ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ଫ୍ଲାଏଓଭର ନିର୍ମାଣ କରାଯାଇଛି। ସର୍ଭିସ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ଶୀଘ୍ର କାମ ଆରମ୍ଭ ହୋଇ ଶେଷ ହେବ। ବିରୋଧୀ ଦଳ


ଉଦ୍‌ଘାଟନ ଉତ୍ସବରେ ମନ୍ତ୍ରୀ, ବିରୋଧୀଦଳ ନେତା ଓ ଅନ୍ୟମାନେ।

ନେତା ମିଶ୍ର କହିଥିଲେ, ରାଜ୍ୟରେ ଏହି ବ୍ରିଜ୍ ନିର୍ମାଣ ପାଇଁ ଅଧିକ ସମୟ ଲାଗିଛି, ଯାହା ଦୁର୍ଭାଗ୍ୟଜନକ। ଏହି ବ୍ରିଜ୍ ସମ୍ବଲପୁରବାସୀଙ୍କ ଦାବି ନ ଥିଲା, ହେଲେ ସେମାନଙ୍କ ଉପରେ ଥୋପି ଦିଆଯାଇଛି। ଆଉ କିଛି କାମ ବାକି ରହିଛି, ଯାହା ଖୁବ୍‌ଶୀଘ୍ର କରାଯିବ। ଏଥିପାଇଁ ପୂର୍ତ୍ତ ବିଭାଗକୁ ତାଗିଦ କରାଯାଇଛି। ଏହି ଲୋକାର୍ପଣ ଉତ୍ସବ ସରକାରୀ କାର୍ଯ୍ୟକ୍ରମ ଥିଲା। ହେଲେ ଏଥିରେ ବିଜେଡି ଓ ଭାଜପାର ଆଗଧାଡିର ନେତା ଉପସ୍ଥିତ ଥିଲେ। ଏପରି କି ବିଜେଡିର କେତେଜଣ ନେତା ଅତିଥିମାନଙ୍କ ପାଇଁ ଥିବା ମଞ୍ଚରେ ବସିଯାଇଥିଲେ। ଏହା ଦେଖିବା ପରେ ଜିଲାପାଳ ଦାସ ଅସନ୍ତୋଷ ବ୍ୟକ୍ତ କରିଥିଲେ। କିଛିସମୟ ପରେ କେତେଜଣ ନେତା ଉଠି ଚାଲିଯାଇଥିବା ବେଳେ କେତେଜଣ ଆତ୍ମସମ୍ମାନକୁ ନ ଦେଖି ବସିରହିଥିଲେ। ପରେ ଭାଜପା ନେତାଙ୍କ ସହ କର୍ମୀମାନେ ଆସି ସେଠାରେ ନାରାବାଜି କରିଥିଲେ। ବାହାରେ ଥିବା ବହୁ ଲୋକଙ୍କୁ ବ୍ରିଜ ମୁଣ୍ଡରୁ ଅଟକାଇ ଦିଆଯାଇଥିଲା। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନାଯୋଗ୍ୟ, ଫ୍ଲାଏଓଭର କାମ ୨୦୧୫ରୁ ଆରମ୍ଭ ହୋଇଥିଲା। ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ପ୍ରଥମେ ୬୭ କୋଟି ବ୍ୟୟ ଅଟକଳ ରହିଥିଲା। ପରେ ଲୋକଙ୍କ ଦାବି ଅନୁସାରେ ଏହାର ଲମ୍ବ ବୃଦ୍ଧିପାଇ ୧୮୮୦ ମିଟର ନିର୍ମାଣ ହୋଇଛି। ଏଥିପାଇଁ ୧୧୮ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୨ ଅକ୍ଟୋବର, ୨୦୨୨



## ଛତିକୁଡ଼ା ଛକରେ ଡ୍ରାଇଭରଙ୍କଠାରୁ ଲୁଟ୍

**ନର୍ଲା,(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ଥାନା ଛତିକୁଡ଼ା ଛକ ନିକଟରେ ଥିବା ୫ଟି ମାଲ ବୋଝେଇ ଟ୍ରକ କାଚ ଭାଙ୍ଗି ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଡ୍ରାଇଭରମାନଙ୍କ ନଗଦ ଟଙ୍କା ଓ ମୋବାଇଲ ଲୁଟ୍ କରିଛନ୍ତି। ଏ ନେଇ ୨ ଜଣ ଡ୍ରାଇଭର ନର୍ଲା ଥାନାରେ ଅଭିଯୋଗ କରିଛନ୍ତି। ନର୍ଲା ପୋଲିସ ଘଟଣାର ତଦନ୍ତ କରୁଛି। ଦୁର୍ବୃତ୍ତମାନେ ଡ୍ରାଇଭରଙ୍କୁ ଛୁରି ଦେଖାଇ ୨ଜଣଙ୍କଠାରୁ ୧୮୦୦୦ ଏବଂ ଅନ୍ୟ ଜଣଙ୍କରଠାରୁ ୧୬୦୦୦ ଟଙ୍କା ନଗଦ ସର୍ବମୋଟ ୩୪୦୦୦ ଟଙ୍କା ସହିତ ୨ଟି ମୋବାଇଲ ଲୁଟି ନେଇଥିଲେ।

## ସଂକ୍ଷେପରେ

### ଅଜଣା ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ

**ଲାଞ୍ଜିଗଡ,୨୧।୧୦(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ନର୍ଲା ଥାନା ଅଧୀନ ସିକେରକୁପା ଫାଣ୍ଡି ଅନ୍ତର୍ଗତ ଲାଞ୍ଜିଗଡ଼ରୋଡ଼ ରେଳ ଷ୍ଟେଶନ ନିକଟ ଜଙ୍ଗଲରୁ ଜଣେ ଅଜଣା ବ୍ୟକ୍ତିଙ୍କ ଝୁଲନ୍ତା ଗଳିତ ମୃତଦେହ ସିକେରକୁପା ଫାଣ୍ଡି ପୋଲିସ ଜବତ କରିଛି। ସିକେରକୁପା ଫାଣ୍ଡି ଅଧିକାରୀ ସୁବାଷ ଚନ୍ଦ୍ର ଗୁରୁଙ୍କ ନେତୃତ୍ୱରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲେ। କୌଣସି ପରିସ୍ଥିତିରେ କେହି ଜଣେ ଆତ୍ମହତ୍ୟା କରିଥିବା ନା ତାଙ୍କୁ କେହି ହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ପୋଲିସର ତଦନ୍ତ ଜାରି ରହିଛି। କିଛିଦିନ ହେବ ମୃତହେଦ ଗଛ ଉପରେ ଝୁଲନ୍ତା ଅବସ୍ଥାରେ ରହି ଦୁର୍ଗନ୍ଧ ହେଉଥିବା ବେଳେ ପଚିସଡିଥିବାରୁ ପରିଚୟ ମିଳିପାରି ନାହିଁ। ଏ ନେଇ ସିକେରକୁପା ଫାଣ୍ଡି ଅଧିକାରୀଙ୍କୁ ପଚାରିବାରୁ କିଛିଦିନ ପୂର୍ବରୁ ଘଟଣା ଘଟିଥିବା ଜଣାଯାଉଛି। ମୃତୁ ବ୍ୟକ୍ତିଙ୍କ ପରିଚୟ ମିଳି ପାରିନାହିଁ, ପୋଲିସ ତଦନ୍ତ କରୁଛି ବୋଲି କହିଥିଲେ।

### କୋକସରାରେ ନୂତନ ତହସିଲଦାରଙ୍କ ଯୋଗଦାନ

**କୋକସରା,୨୧।୧୦(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ତହସିଲ କାର୍ଯ୍ୟାଳୟରେ ଗୁରୁବାର ନୂତନ ତହସିଲଦାର ଭାବେ ଦେବବ୍ରତ କରାଟି ଦାୟିତ୍ୱ ଗ୍ରହଣ କରିଛନ୍ତି। କୋକସରା ତହସିଲଦାର ରାକେଶ ପାରୁଆଙ୍କଠାରୁ ନୂତନ ତହସିଲଦାର କରାଟି କାର୍ଯ୍ୟଭାର ଗ୍ରହଣ କରିଥିବା ବେଳେ ତହସିଲ ଓ ରାଜସ୍ୱ ବିଭାଗ କର୍ମଚାରୀମାନେ ତାଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ। ଆଗକୁ ସେ ତହସିଲ ଅଧୀନସ୍ଥ ଜନସାଧାରଣଙ୍କ ପାଇଁ ନିଷ୍ଠାର ସହ କାମ କରିବେ ବୋଲି କହିଛନ୍ତି। ପୂର୍ବରୁ ସେ କୋରାପୁଟ ଜିଲା ସେମିଲିଗୁଡା ତହସିଲରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟରତ ଥିଲେ।

### ଧର୍ମଗଡ଼ ନୂତନ ଉପଜିଲାପାଳ ଭାବେ ବେଦ ଭୂଷଣ ଯୋଗଦାନ

**ଧର୍ମଗଡ,୨୧।୧୦(ଡି.ଏନ.ଏ.):** କଳାହାଣ୍ଡି ଜିଲା ଧର୍ମଗଡର ନୂତନ ଉପଜିଲାପାଳ



ଭାବେ ଶୁକ୍ରବାର ୨୦୨୦ ବ୍ୟାଚର ଯୁବ ଆଇଏଏସ ଅଫିସର ବେଦ ଭୂଷଣ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଧର୍ମଗଡ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ମଧ ତୁଲାଇବେ। ଏହି ଅବସରରେ ତାଙ୍କୁ ଅଫିସ କର୍ମଚାରୀ, ବିଭିନ୍ନ ସାମାଜିକ ଅନୁଷ୍ଠାନ କାର୍ଯ୍ୟକର୍ତ୍ତାମାନେ ତାଙ୍କ କାର୍ଯ୍ୟାଳୟରେ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାଗୁଡିକ ଧର୍ମଗଡ ଉପଖଣ୍ଡରେ କିଭଳି ଭାବେ ସଫଳ ରୂପାୟନ ହେବ ତାହାକୁ ସେ ବେଶ ଗୁରୁତ୍ୱ ଦେବେ ବୋଲି କହିବା ସହିତ ଅଞ୍ଚଳରେ ଶିକ୍ଷାର ଉନ୍ନତି ଓ ପରିମଳ ସମସ୍ୟାକୁ ଗୁରୁତ୍ୱ ଦେବେ ବୋଲି କହିଥିଲେ ।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିସ୍ଥାପିତଙ୍କ ଧାରଣା

**ନୂଆପଡ଼ା ଅଫିସ,୨୧।୧୦**

ନୂଆପଡା ଜିଲା ଖଡିଆଳ ଓ କୋମନା ମଧ୍ୟ ଭାଗରେ ଥିବା ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଯୋଗୁ ଅନେକ ଗାଁ ଓ ଜମି ଲିନ ହୋଇଛି। ଏଥିପାଇଁ ବିସ୍ଥାପିତ ପରିବାର ସମ୍ପୂର୍ଣ୍ଣ ସହାୟତା ରାଶି ପାଇ ନ ଥିବାରୁ ଶୁକ୍ରବାର ୧୦ଦଫା ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ୨୦୦୦ରେ ନିର୍ମାଣାଧୀନ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପରେ ମୋଟ ୩୧ଟି ଗାଁ ବୁଡି ଅଞ୍ଚଳ ଭାବେ ଘୋଷଣା ହୋଇଥିଲା। ଆମ ଜମିକୁ ସରକାର ଶାଗମାଛ ଦରରେ ନେଇ ଆମକୁ ଭୂଆଁ ଭୁଲାଇ ଚାଲିଛନ୍ତି। ସମ୍ପୂର୍ଣ୍ଣ ସହାୟତା ରାଶି ନ ଦେବାରୁ ନିଜର ପୈତୃକ ଅର୍ଜିତ ଜମିକୁ ଛାଡି ବିଭିନ୍ନ ସମସ୍ୟାର ସମ୍ମୁଖିନ ହେଉଛୁ ବୋଲି ଶୁକ୍ରବାରଠାରୁ କୋମନା, ରଜନା, ପେଣ୍ଡରାବନ, ଆଗ୍ରେନ ଓ କୋନାବିରା ୫ଟି ପଞ୍ଚାୟତ ହିତାଧିକାରୀମାନେ ଧାରଣାରେ ବସିଛନ୍ତି। ପ୍ରକଳ୍ପର ସମନୀତି ଅନୁସାରେ କ୍ଷତିଗ୍ରସ୍ଥ



ବିସ୍ଥାପିତମାନେ ଧାରଣାରେ ବସିଛନ୍ତି।

ପରିବାରକୁ ବିସ୍ଥାପିତ ପରିବାରମାନଙ୍କ ପରି ସମାନ ଗୋଟିଏ କଟ ଅଫ ତାରିଖ ରଖଯାଉ, ମୂଳ ବିସ୍ଥାପିତ ପରିବାରଙ୍କ ପରି ବଞ୍ଚିତ ହୋଇଥିବା ଓ କ୍ଷତିଗ୍ରସ୍ଥ ପରିବାରମାନଙ୍କୁ ବିଜୁ ପକ୍କା ଗୃହ ପ୍ରଦାନ କରାଯାଉ, ଭୌଗଳିକ ଦୃଷ୍ଟି କୋଣରୁ ପେଣ୍ଡରାବନ, ବେଲଗାଁ (କରୁଆପଡା) ଓ ମାଠିଆପଦର ଗାଁର ଉତ୍ତର ପଶ୍ଚିମ ଦକ୍ଷିଣକୁ ପାଣି ଓ ପୂର୍ବକୁ ପାହାଡ ଘେରି ରହିଛି। ଫଳରେ ଏମାନଙ୍କ ପରିବେଶ, ସ୍ୱାସ୍ଥ୍ୟ, ଶିକ୍ଷା, ଆର୍ଥିକ ଓ ଗମନା ଗମନ କ୍ଷେତ୍ରରେ ବହୁ ବାଧା ସୃଷ୍ଟି ହେଉଛି। ଏହି ୩ ଗ୍ରାମକୁ ବୁଡି ଅଞ୍ଚଳ ଭାବେ ଘୋଷଣା କରାଯାଉ, ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ପୂନଃର୍ବାସ ଓ ଥାଇଥାନ ଅଧିକାରୀ କାଲୁ ମାଝି ଏବଂ ମଣ୍ଡଳ ଅଧିକାରୀ କପିଲଦେବ ସାହୁ ଓ କିଛି ମୁଷ୍ଟିମୟ ବ୍ୟକ୍ତିଙ୍କ ସହ ସଲାସୁତରା କରି କାର୍ଯ୍ୟାଳୟରେ ଏକଛତ୍ରବାଦ ଶାସନ ଚଳାଇ ମନମୁଖୀ କାର୍ଯ୍ୟ କରୁଥିବାରୁ ବିସ୍ଥାପିତ ଓ କ୍ଷତିଗ୍ରସ୍ଥ ପରିବାରମାନଙ୍କ କଥା ଶୁଣୁ ନ ଥିବାରୁ ସେମାନଙ୍କୁ ଅନ୍ୟତ୍ର ବଦଳି କରାଯାଉ ବୋଲି ବିସ୍ଥାପିତମାନେ ଧାରଣାରେ ବସିଛନ୍ତି।

# ଏକ୍ସିସ ବ୍ୟାଙ୍କ ମ୍ୟାନେଜର, ରାଜସ୍ୱ ନିରୀକ୍ଷକଙ୍କୁ ଜେରା

**ଭବାନୀପାଟଣା,୨୧।୧୦(ସ୍ୱ.ପ୍ର.)**

### ଟଙ୍କା ହଡ଼ପ କରି ଆକାଉଣ୍ଟାଣ୍ଟ ଫେରାର ଘଟଣା

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବିଇଓ କାର୍ଯ୍ୟାଳୟର ଆକାଉଣ୍ଟାଣ୍ଟ ଶୁଚିସ୍ମିତା ସୁଆର ଟଙ୍କା ହଡ଼ପ ଘଟଣାରେ ଭିଜିଲାନ୍ସ ପକ୍ଷରୁ ଆକ୍ସିସ ବ୍ୟାଙ୍କ ମ୍ୟାନେଜର ଓ ଭବାନୀପାଟଣା ନଜୁଲ ରାଜସ୍ୱ ନିରୀକ୍ଷକଙ୍କୁ ଜେରା କରାଯାଇଛି। ଅନ୍ୟପକ୍ଷରେ ଶୁଚିସ୍ମିତା ନିଜ ମା'ଙ୍କ ନାମରେ ମଧ ହିଲଟାଉନରେ ଜମି କିଣିଥିବା ସୂଚନା ମିଳିଛି। ପ୍ରକାଶ ଯେ, ଭବାନୀପାଟଣା ବିଇଓ ଅଫିସ ଆକାଉଣ୍ଟାଣ୍ଟ ଶୁଚିସ୍ମିତା ସୁଆର ଟଙ୍କା ହଡ଼ପ ଘଟଣାରେ ଭିଜିଲାନ୍ସ ବିଭାଗ ଆକ୍ସିସ ବ୍ୟାଙ୍କର ମ୍ୟାନେଜର ମନୋରଞ୍ଜନ ସାହୁ ଓ ଭବାନୀପାଟଣା ନଜୁଲ ରାଜସ୍ୱ ନିରୀକ୍ଷକ ରାକେଶ କୁମାର ସାହୁଙ୍କୁ ଜେରା କରିଥିଲା। ଆକ୍ସିସ ବ୍ୟାଙ୍କରେ ଟଙ୍କା ନେଣଦେଣ ଉପରେ ସବିଶେଷ ତଥ୍ୟ ଯାଞ୍ଚ କରାଯାଇଥିଲା। ସେହିଭଳି ଇରିଗେସନ କଲୋନୀରେ ଭିଜିଲାନ୍ସ ପକ୍ଷରୁ ସିଲ ହୋଇଥିବା ୨ଟି ଘର ଓ ହିଲଟାଇଉନେର ନିଜ ମା'ଙ୍କ ନାରେ କିଣା ଯାଇଥିବା ଜମିର ତଦନ୍ତ କରାଯାଇଥିଲା। ଭବାନୀପାଟଣା ତହସିଲର ଖାତା ନଂ-୧୮୯/୫୯୪୬, ପ୍ଲଟ ନଂ.୨୦୯/୬୧୫୬୭ରେ ୮୦ ଡିସିମିଲ, ସ୍ୱପ୍ନା ସୁଆରଙ୍କ ନାମରେ ରେଜିଷ୍ଟ୍ରେଶନ ହୋଇଛି। ମ୍ୟୁଟେସନ କେସ ନଂ-୩୧୮୯/ ୨୦୨୦ ତାରିଖ ୭।୯।୨୦୨୦ରେ ପଟ୍ଟା ମିଳିଥିଲା। ସେହିଭଳି ଖାତା ନଂ. ୧୩୩/୫୯୯ ପ୍ଲଟ ନଂ.୧୩୨/୬୯୮ରେ ୧ ଏକର ସ୍ୱପ୍ନା ସୁଆରଙ୍କ ନାମରେ କିଣାଯାଇଛି। ମ୍ୟୁଟେସନ କେସ ନଂ.୧୫୨୯/୨୦୨୦ ତା. ୨୫।୩।୨୦୨୨ରେ ଖାରଜ ହୋଇ ଖାତା ନଂ. ୧୩୩/୩୮କୁ ଆସିବା ସହ ପଟ୍ଟା ମିଳିଛି। ଗୋଟିଏ ପଟେ ଇରିଗେସନ କଲୋନୀ ୧୫ ନଂ. ଲେନରେ ୪ ମହଲା କୋଠା ଓ ଅନ୍ୟ ଏକ ସ୍ଥାନରେ ଏକ ଆଉଟହାଉସ ଘରକୁ ଭିଜିଲାନ୍ସ ପକ୍ଷରୁ ପୂର୍ବରୁ ସିଲ କରାଯାଇଛି। ବର୍ତ୍ତମାନ ହିଲ ଟାଉନର ୨ଟି ଜମି ଉପରେ ଭିଜିଲାନ୍ସର ଖୋଳତାଡ଼ ଆରମ୍ଭ ହୋଇଛି। ବୁଧବାର ଏହି ଘଟଣାରେ ଶୁଚିସ୍ମିତାଙ୍କ ସହ ସାମିଲ ଥିବା ଅଭିଯୋଗରେ ଟାଉନ ଥାନା ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ହେଲେ ୧୪ ଦିନ ପରେ ବି ଟାଉନ ଥାନା ପୋଲିସ ଶୁଚିସ୍ମିତାଙ୍କୁ ଠାବ କରିପାରି ନ ଥିବାରୁ ପୋଲିସର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଜିଲା ଆଦିବାସୀ ସଂଘ ପକ୍ଷରୁ ବ୍ଲକ ଘେରାଉ



ବ୍ଲକ କାର୍ଯ୍ୟାଳୟ ଘେରାଉ ପାଇଁ ଜିଲା ଆଦିବାସୀ କଲ୍ୟାଣ ସଂଘର ଶୋଭାଯାତ୍ରା।

**ଖଡ଼ିଆଳ,୨୧।୧୦(ଡି.ଏନ.ଏ.)**

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୪ଦଫା ଦାବିପତ୍ର

ନୂଆପଡା ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ୧୪ଦଫା ଦାବି ନେଇ ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବା ସହ ୩୫୩ ନଂ. ଜାତୀୟ ରାଜପଥ ଅବରୋଧ କରି ଆନ୍ଦୋଳନ କରାଯାଇଛି। ଶୁକ୍ରବାର ଆଦିବାସୀ କଲ୍ୟାଣ ସଂଘ ସଭାପତି ଭାନୁପ୍ରତାପ ସିଂ ମାଝି, ସଂଘ ସମ୍ପାଦକ ବାଲକୃଷ୍ଣ ଶବରଙ୍କ ଆହ୍ୱାନକ୍ରମେ ଶହଶହ ଆଦିବାସୀ ମହିଳା ଓ ପୁରୁଷ ପୁଟୁପଡାଠାରେ ଏକତ୍ରିତ ହୋଇ ପାରମ୍ପରିକ ବେସ, ଅସ୍ତ୍ରଶସ୍ତ୍ର ଧରି ଖଡ଼ିଆଳରେ ଶୋଭାଯାତ୍ରା ବାହାର କରି ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହି ଅବସରରେ ଏକ ୧୪ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ର ଉପରିସ୍ଥ ଅଧିକାରୀଙ୍କୁ ପ୍ରେରଣ କରିଦିଆଯିବ ଏବଂ ଆମ ଦ୍ୱାରା ଯାହା ସମ୍ଭବ ତାହା ସମାଧାନ କରାଯିବ ବୋଲି ବିଡିଓ ନାରାୟଣ ସାହୁ କହିଛନ୍ତି। ଗତ ୪ ତାରିଖରେ ଖଡ଼ିଆଳ ପୁଟୁପଡାର ଜଣେ ଆଦିବାସୀ ଯୁବକଙ୍କୁ ହତ୍ୟା କରିଥିବା ବେଳେ ଅନ୍ୟ ୨ ଜଣଙ୍କୁ ମାରଣାତ୍ମକ ଆକ୍ରମଣ କରିଥିବା ଅଭିଯୁକ୍ତମାନଙ୍କୁ ଫାଶୀ ଦଣ୍ଡା ଦେଶ ହେଉ ବୋଲି ଦାବି କରିଥିଲେ। ତାସହ ପୀଡ଼ିତା ପରିବାରକୁ ସରକାରଙ୍କ ନିୟମାନୁସାରେ ସହାୟତା ପ୍ରଦାନ, କୋମନା ବ୍ଲକ ଭେଳାର ଖୀରଧର ମୃତ୍ୟୁ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ, କୋମନା ବ୍ଲକ ସାହାଜେଟ ସେବାଶ୍ରମରେ ବ୍ୟାପକ ଦୁର୍ନୀତି ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ, ଖଡ଼ିଆଳ ପୁଟୁପଡା ଆଦିବାସୀ ଅଞ୍ଚଳରେ ରାସ୍ତା, ପାନୀୟ ଜଳ, ମାଗଣା ବିଜୁଳି ଯୋଗାଣ, ସିନାପାଲି ବ୍ଲକ ସେବାଶ୍ରମ ଛାତ୍ରୀ ନିବାସ ନିକଟରେ ଥିବା ମଦ କୋଠିକୁ ସ୍ଥାନାନ୍ତରିତ କରିବାକୁ ଦାବି କରାଯାଇଛି। ଯଥାଶୀଘ୍ର ଏହି ଦାବିଗୁଡ଼ିକ ସମାଧାନ ନ ହେଲେ ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନ କାରୀମାନେ ଚେତାବନୀ ଦେଇଛନ୍ତି। ଆନ୍ଦୋଳନରେ ବ୍ଲକ ସଭାପତି କାର୍ତ୍ତିକେଶ୍ୱର ମଲ୍ଲିକ, ଜୟରାମ ଶବର, କର୍ଲାକୋଟ ସରପଞ୍ଚ ମଙ୍ଗଳ ସିଂ ଦଳ, ଭକ୍ତବନ୍ଧୁ ଧରୁଆ, ଭକ୍ତରାମ ଶବର, ଲଛମନ ଭୋଇ, ଦୁର୍ବଳ ମାଝି, ନରେନ୍ଦ୍ର ଶବର, ସୋମନାଥ ଶବର ପ୍ରମୁଖ ସାମିଲ ହୋଇଥିଲେ।

# ୱାର୍ଡ ସଭ୍ୟାଙ୍କୁ ଅଯୋଗ୍ୟ ଘୋଷଣା କଲେ ଜିଲାପାଳ

### ନିର୍ବାଚନରେ ମିଥ୍ୟା ସତ୍ୟ ପାଠ ଦେବା ମହଙ୍ଗା ପଡ଼ିଲା

**ଭବାନୀପାଟଣା,୨୧।୧୦(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ମାଲଗାଁ ପଞ୍ଚାୟତ ୱାର୍ଡ ନଂ-୧୩ର ୱାର୍ଡସଭ୍ୟା ମମତା ମହାନ୍ତି ମିଥ୍ୟା ସତ୍ୟପାଠ ଦେବା ମହଙ୍ଗା ପଡିଛି। ଏହି ଅଭିଯୋଗରେ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ଅଯୋଗ୍ୟ ଘୋଷଣା କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ, ମାଲଗାଁ ପଞ୍ଚାୟତର ୱାର୍ଡ ନଂ-୧୩ରେ ସିଙ୍ଗଝରନ ଗ୍ରାମର ମମତା ମହାନ୍ତି ୱାର୍ଡସଭ୍ୟା ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କର ୧୯୯୫ ଏପ୍ରିଲ ୨୧ ତାରିଖ ସୁଦ୍ଧା ସରକାରଙ୍କ ନିୟମ ଅନୁଯାୟୀ ୨ରୁ ଅଧିକ ସନ୍ତାନ ଥିବା ଦର୍ଶାଇ ସିଙ୍ଗଝରନର କେଶରୀ ଦୁର୍ଗା ତାଙ୍କ ବିରୋଧରେ ଅଭିଯୋଗ କରିଥିଲେ। ବୋର୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରିପୋର୍ଟ ଅନୁଯାୟୀ ମମତାଙ୍କ ୩ଟି ସନ୍ତାନ ଥିବା ଜଣାପଡ଼ିଛି। ୨ରୁ ଅଧିକ ସନ୍ତାନ ଥିବାରୁ ଜିଲାପାଳ ମମତାଙ୍କୁ ମାଲଗାଁ ପଞ୍ଚାୟତର ୱାର୍ଡ ନଂ-୧୩ର ୱାର୍ଡସଭ୍ୟା ପଦବିକୁ ଅଯୋଗ୍ୟ ଘୋଷଣା କରିଛନ୍ତି। ମିଥ୍ୟା ସତ୍ୟପାଠ କରି ଅଯୋଗ୍ୟ ଘୋଷିତ ହେଲେ ୬ ମାସ ଜେଲ ପ୍ରାବଧାନ ଥିଲେ ମଧ ଏଭଳି ମିଥ୍ୟା ସତ୍ୟପାଠ ବିଭିନ୍ନ ସ୍ଥାନରେ ଦାଖଲ ହେଉଥିବା ନେଇ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି।

# ଆମ୍ ଆଦ୍‌ମୀ ପାର୍ଟିର କର୍ମକର୍ତ୍ତା ସମାବେଶ




ମଞ୍ଚରେ ଉପସ୍ଥିତ ଆମ୍ ଆଦ୍‌ମୀ ପାର୍ଟିର ନେତୃବୃନ୍ଦ।

**କୋକସରା,୨୧।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର ମହକୁମା ଧାନ ମଣ୍ଡିରେ ଧର୍ମଗଡ ନିର୍ବାଚନ ମଣ୍ଡଳୀ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ କର୍ମକର୍ତ୍ତା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଆମ ଆଦମୀ ପାର୍ଟିର ଧର୍ମଗଡ ଉପଖଣ୍ଡର ଧର୍ମଗଡ, କୋକସରା, କଳମପୁର, ଜୟପାଟଣା ବ୍ଲକରୁ ଶତାଧିକ ଦଳୀୟ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ସମାବେଶରେ ମୁଖ୍ୟଅତିଥି ଭାବେ ଧର୍ମଗଡ ନିର୍ବାଚନ ମଣ୍ଡଳୀ ସଂଯୋଜକ ଡୋଲେଶ୍ୱର ସାହୁ, ମୁଖ୍ୟବକ୍ତା ଭାବେ ଜିଲା ସଭାପତି ବିଘ୍ନରାଜ ପଣ୍ଡା, ସମ୍ମାନିତ ଅତିଥି ଭାବେ ଜିଲା ସାଧାରଣ ସମ୍ପାଦକ ଗଣେଶ ବାଗ, ଜିଲା ଉପସଭାପତି ତଥା କୋକସରା ବ୍ଲକ ସଂଯୋଜକ ପ୍ରଫୁଲ୍ଲ କର, ଜିଲା ସମ୍ପାଦକ ହେରମ୍ବ ସେନାପତି ବିବେକାନନ୍ଦ ବାଗ, ଧର୍ମଗଡ ନିର୍ବାଚନ ମଣ୍ଡଳୀ ସଭାପତି ଭୋଦେ ବେହେରାଙ୍କ ସମେତ କୋକସରା ବ୍ଲକ ସଂଯୋଜକ ଡିସେମ୍ବର ଖରସେଲ, ଲାଞ୍ଜିଗଡ ବ୍ଲକ ସଭାପତି ଅର୍ଜୁନ ପୂଝାରୀ, କଳମପୁର ବ୍ଲକ ସଭାପତି ସୁରେନ୍ଦ୍ର ବାଗ, ଜୟପାଟଣା ବ୍ଲକ ସଭାପତି ପ୍ରସନ୍ନ ସାହୁ ଓ ଧର୍ମଗଡ ବ୍ଲକ ସଭାପତି ରାଜେଶ ଗୋପାଲ ଉପସ୍ଥିତ ଥିଲେ। ଆମ ଆଦମୀ ପାର୍ଟିର ମୂଳମନ୍ତ୍ର ଓ ଆଗାମୀ ରଣନୀତି ସହ ତୃଣମୂଳସ୍ତରରେ ସାଧାରଣ ଲୋକଙ୍କ ସହ ସୁଖଦୁଃଖର ସାଥି ହୋଇ ଆଗକୁ ବଢିବ ବୋଲି ମତ ରଖିଥିଲେ। ଆମପାଣି ଜୋନ ସଭାପତି ଶରତ କୁମାର ନାଏକ ପରିଚାଳନା କରିଥିଲେ।

# ଗାଁ ସଫା ରଖିବା ପାଇଁ ଆଦିବାସୀଙ୍କ ଶପଥ

**ଲାଞ୍ଜିଗଡ,୨୧।୧୦(ଡି.ଏନ.ଏ.)**

### ବିକାଶ ନଗରରେ ସଫେଇ କାର୍ଯ୍ୟକ୍ରମ

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜି ପଞ୍ଚାୟତ ଅଧୀନ ବ୍ଲକ ପ୍ରଶାସନ ପକ୍ଷରୁ ନୂତନ ନଗର ଭାବେ ଗଢି ଉଠିଥିବା ବିକାଶ ନଗରରେ ବିଡିଓ ଜିତେନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ସଫେଇ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଲାଞ୍ଜି ପଞ୍ଚାୟତ ନିର୍ବାହୀ ଅଧିକାରୀ ସାଧୁରାମ ସାହୁ, କନିଷ୍ଠ ଯନ୍ତ୍ରୀ ଗୋଲକ ଭୋଇ, ଗ୍ରାମ ରୋଜଗାର ସେବକ ସୁଧାଂଶୁ ବାଗ ଓ ପଞ୍ଚାୟତର ସମସ୍ତ ଗାଁ ସାଥୀ ଉପସ୍ଥିତ ରହି ବିକାଶ ନଗର ସମସ୍ତ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଆଗାମୀ ଦିନରେ ଗ୍ରାମ କିପରି ସଫାସୁତୁରା ରହିବ ସେ ବିଷୟରେ ଯନ୍ତ୍ରୀ ଭୋଇ ଗ୍ରାମବାସୀମାନଙ୍କ ସହିତ ଆଲୋଚନା କରିଥିଲେ। ବିକାଶ ନଗରବାସୀ ଏ ନେଇ ଶପଥ ନେଇଥିଲେ ଆମ ଗାଁକୁ ସରସ ସୁନ୍ଦର ରଖିବା ପାଇଁ ପ୍ରତି ସପ୍ତାହର ପ୍ରତେକ ରବିବାର ଗାଁରେ ସଫେଇ କାର୍ଯ୍ୟକ୍ରମ କରିବା ସହ ଗାଁକୁ ସଫା କରିବୁ ବୋଲି ବ୍ଲକ ପ୍ରଶାସନ ନିକଟରେ ପ୍ରତିଶ୍ରୁତି ଦେଇଥିଲେ। ଲାଞ୍ଜି ପଞ୍ଚାୟତ ନିର୍ବାହୀ ଅଧିକାରୀ ସାହୁ ବିକାଶ ନଗରର ଉଜ୍ଜ୍ୱଳ ଭବିଷ୍ୟ କାମନା କରି ଏହି ମହତ କାର୍ଯ୍ୟକ୍ରମ ପାଇଁ ଗ୍ରାମବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ବିକାଶ ନଗରବାସୀ ଶପଥ ନେଉଛନ୍ତି।

# ଶିଶୁ ମହୋତ୍ସବ ସୁରଭି-୨୦୨୨ କାର୍ଯ୍ୟକ୍ରମ

**ଲାଞ୍ଜିଗଡ଼/ରୁପ୍ରା ରୋଡ଼/ତୁଣ୍ଡଲା/ କୋକସରା,୨୧।୧୦(ଡି.ଏନ.ଏ.)**






ଲାଞ୍ଜିଗଡ଼ ନୋଡାଲ ସ୍କୁଲ ଛାତ୍ରୀଙ୍କ ସହ ଅତିଥିବୃନ୍ଦ ଏବଂ ବେଲଖଣ୍ଡି କ୍ଲଷ୍ଟରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ ଉଚ୍ଚ ପ୍ରାଥମିକ (ନୋଡାଲ) ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟର ସିଆରସିସି ଏମ.ସୁନ୍ଦର ଶେଖରଙ୍କ ତତ୍ତ୍ୱାବଧାନରେ ବିଆରସିସି ଗୋପବନ୍ଧୁ ପୁଷ୍ଟି ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଏବିଇଓ ପଦ୍ମଲୋଚନ ସୁନା, ସମ୍ମାନିତ ଅତିଥି ଭାବେ ନୋଡାଲ ସ୍କୁଲ ପ୍ରଧାନ ଶିକ୍ଷକ ରାଧାମାଧବ ରଥ, ଲାଞ୍ଜିଗଡ ଉଚ୍ଚ ବିଦ୍ୟାଳୟ ଖେଳ ଶିକ୍ଷୟିତ୍ରୀ ବନିତା ଧଙ୍ଗଡା ମାଝି ପ୍ରମୁଖ ଯୋଗଦେଇଥିଲେ। କ୍ଲଷ୍ଟର ଅଧୀନ ୧୭ଟି ସ୍କୁଲର ୫୧ଜଣ ଛାତ୍ରୀଛାତ୍ରମାନେ ଚିତ୍ରାଙ୍କନ, ବକ୍ତୃତା, ବିତର୍କ, ଶ୍ରୁତଲିଖନ, ହସ୍ତାକ୍ଷର ଲିଖନ, ସୃଜନଶୀଳ ଲିଖନ, ସାଧାରଣ ଜ୍ଞାନ, ପ୍ରବନ୍ଧ ଲିଖନ, ଗୀତ ତଥା ଦଳଗତ ସଙ୍ଗୀତ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରଥମ ସ୍ଥାନ ଗ୍ରହଣ କରିଥିବା ଛାତ୍ରୀଛାତ୍ର ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ସ୍ଥାନ ପାଇବେ। ପ୍ରତିଯୋଗିତା ପ୍ରମୁଖ ଭାବେ ପ୍ରଧାନ ଶିକ୍ଷକ ପରମାନନ୍ଦ ଗଉଡ଼, ଜଳନ୍ଧର ମାଝି, ଦୁର୍ଗା ମାଧବ ମହାଖୁଡ଼, ଅଭିନାଶ ସିଂ, ପ୍ରଭାତୀ ମଲ୍ଲିକ, ଝରଣା ରାଣୀ ସାହୁ ସହଯୋଗ କରିଥିଲେ। ଶିକ୍ଷକ ରାଘବ ଗହୀର ଧନ୍ୟବାଦ ଦେଇଥିଲେ। ନର୍ଲା ବ୍ଲକ କମର୍ଦ୍ଧା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମସ୍କାଗୁଡା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଏମ.ଏମ.ବି. ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହିମାଂଶୁ ମହାପାତ୍ର ମୁଖ୍ୟଅତିଥି, ସମ୍ମାନିତ ଅତିଥି ବରିଷ୍ଠ ଶିକ୍ଷକ ସତ୍ୟାନନ୍ଦ ବେରୁକ, ଶରତ ଚନ୍ଦ୍ର ବେରୁକ, ଭୋଦେବ ନିଆଲ, କମର୍ଦ୍ଧା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅର୍ଚ୍ଚନା ମିଶ୍ର, ଗୋବିନ୍ଦ ସାହୁ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ୬୦ଜଣ କୃତୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରକାଶ ଚନ୍ଦ୍ର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। କେସିଙ୍ଗା ବ୍ଲକ ବେଲଖଣ୍ଡି କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପିପଲପଦରଠାରେ ଅନୁଷ୍ଠିତ ହୋଇଯାଇଛି। ବେଲଖଣ୍ଡି କ୍ଲଷ୍ଟର ସିଆରସିସି ଦିବ୍ୟସିଂ ମାଝିଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦୀନବନ୍ଧୁ ନାଗ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ହାତୀଖୋଜ ସରପଞ୍ଚ ସୁନିତା କୁମାର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ହର୍ଷବର୍ଦ୍ଧନ ଭୋଇ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଆନନ୍ଦଚନ୍ଦ୍ର ସିଂହ ଓ ପାର୍ଥବିର ସେଲମା ରହିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କୋକସରା ବ୍ଲକର କୋକସରା, ଆମପାଣି, ଲଡୁଗାଁଠାରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋକସରାଠାରେ ନୋଡାଲ ସିଆରସିସି ବୈକୁଣ୍ଠ ଜାଲଙ୍କ ପରିଚାଳନାରେ ଓ ଆଦର୍ଶ ବିଦ୍ୟାଳୟ ଅଧକ୍ଷ ଦୀନବନ୍ଧୁ କର, ବିଆରସିସି ତୋଫାନ ମାଝି, ଶିକ୍ଷକ ଦୁର୍ଯ୍ୟୋଧନ ବାଗ, ଶିକ୍ଷୟିତ୍ରୀ ତରୁଲତା ନାଏକ, ଶିକ୍ଷକ ମୁରଲୀଧର ମାଝି ଉପସ୍ଥିତ ଥିଲେ। ଆମପାଣି ବୁଢ଼ାରଜା ଉଚ୍ଚ ବିଦ୍ୟାଳୟରେ ଆମପାଣି ସରପଞ୍ଚ ରୁକ୍ମଣୀ ବାଗୁଆ, ମୁଖ୍ୟବକ୍ତା ଚିତ୍ତରଞ୍ଜନ ଠାକୁର, ସମ୍ମାନିତ ଅତିଥି ଅଶ୍ୱିନ କୁମାର ଦାସ, ସିଆରସି ପ୍ରମୋଦ କୁମାର ପୁରୋହିତ, ଈଶ୍ୱରୀ ପ୍ରସାଦ ଅଗସ୍ତି, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭାଗ୍ୟବାନ ବାଗଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଗିରିଶ ଚନ୍ଦ୍ର ସରାବୁ ମଞ୍ଚ ପରିଚାଳନା କରିଥିଲେ। ଲଡୁଗାଁ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଅଶୋକ ଦାସଙ୍କ ଅଧକ୍ଷତାରେ ଅତିଥି ଭାବେ ଉମେଶ ସାହୁ, ପର୍ଶୁରାମ ଦୁର୍ଗା, ଶରତ ଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ସଂକ୍ଷେପରେ

### ପ୍ରଭାତୀ ସାହୁ ତରଭା ଏନ୍‌ଏସିରେ ବିଧାୟକଙ୍କ ପ୍ରତିନିଧି ନିଯୁକ୍ତ

**ତରଭା, ୨୧।୧୦ (ଡି.ଏନ.ଏ.):** ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ସୋନପୁର ବିଧାୟକ ତଥା ଅର୍ଥ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ପ୍ରତିନିଧି ଭାବରେ ପ୍ରଭାତୀ ସାହୁ ମନୋନୀତ ହୋଇଛନ୍ତି । ତାଙ୍କୁ ସ୍ୱାଗତ କରାଯାଇଛି । ଶୁକ୍ରବାର ପ୍ରଭାତୀ ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ଉପସ୍ଥିତ ଏନଏସି ଚେୟାରମ୍ୟାନ ବନ୍ଦିତା ନାୟକ,ତରଭା ବ୍ଲକ ଚେୟାରମ୍ୟା ସରୋଜ କୁମାର କର୍ଣ୍ଣ, ଉପନଗରପାଳ ଗଗନ ଅଗ୍ରୱାଲ, କାଉନସିଲର ଆକବର ଅଲ୍ଲୀ, ଯମୁନା ସେଠ, ବଲ୍ଲବୀ କୁଅଁର, ସୁଜାତା ରଥ, ସନ୍ତୋଷ ମେହେର, ନମିତା ମହାନ୍ତ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ ।

### ଅଜଣା ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ

**ଲାଞ୍ଜିଗଡ,୨୧।୧୦(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ନର୍ଲା ଥାନା ଅଧୀନ ସିକେରକୁପା ଫାଣ୍ଡି ଅନ୍ତର୍ଗତ ଲାଞ୍ଜିଗଡ଼ରୋଡ଼ ରେଳ ଷ୍ଟେଶନ ନିକଟ ଜଙ୍ଗଲରୁ ଜଣେ ଅଜଣା ବ୍ୟକ୍ତିଙ୍କ ଝୁଲନ୍ତା ଗଳିତ ମୃତଦେହ ସିକେରକୁପା ଫାଣ୍ଡି ପୋଲିସ ଜବତ କରିଛି। ସିକେରକୁପା ଫାଣ୍ଡି ଅଧିକାରୀ ସୁବାଷ ଚନ୍ଦ୍ର ଗୁରୁଙ୍କ ନେତୃତ୍ୱରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲେ। କୌଣସି ପରିସ୍ଥିତିରେ କେହି ଜଣେ ଆତ୍ମହତ୍ୟା କରିଥିବା ନା ତାଙ୍କୁ କେହି ହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ପୋଲିସର ତଦନ୍ତ ଜାରି ରହିଛି। କିଛିଦିନ ହେବ ମୃତହେଦ ଗଛ ଉପରେ ଝୁଲନ୍ତା ଅବସ୍ଥାରେ ରହି ଦୁର୍ଗନ୍ଧ ହେଉଥିବା ବେଳେ ପଚିସଡିଥିବାରୁ ପରିଚୟ ମିଳିପାରି ନାହିଁ। ଏ ନେଇ ସିକେରକୁପା ଫାଣ୍ଡି ଅଧିକାରୀଙ୍କୁ ପଚାରିବାରୁ କିଛିଦିନ ପୂର୍ବରୁ ଘଟଣା ଘଟିଥିବା ଜଣାଯାଉଛି। ମୃତୁ ବ୍ୟକ୍ତିଙ୍କ ପରିଚୟ ମିଳି ପାରିନାହିଁ, ପୋଲିସ ତଦନ୍ତ କରୁଛି ବୋଲି କହିଥିଲେ।

### ୱାର୍ଡ ସଭ୍ୟାଙ୍କୁ ଅଯୋଗ୍ୟ ଘୋଷଣା କଲେ ଜିଲାପାଳ

**ଭବାନୀପାଟଣା,୨୧।୧୦(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ମାଲଗାଁ ପଞ୍ଚାୟତ ୱାର୍ଡ ନଂ-୧୩ର ୱାର୍ଡସଭ୍ୟା ମମତା ମହାନ୍ତି ମିଥ୍ୟା ସତ୍ୟପାଠ ଦେବା ମହଙ୍ଗା ପଡିଛି। ଏହି ଅଭିଯୋଗରେ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ଅଯୋଗ୍ୟ ଘୋଷଣା କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ, ମାଲଗାଁ ପଞ୍ଚାୟତର ୱାର୍ଡ ନଂ-୧୩ରେ ସିଙ୍ଗଝରନ ଗ୍ରାମର ମମତା ମହାନ୍ତି ୱାର୍ଡସଭ୍ୟା ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କର ୧୯୯୫ ଏପ୍ରିଲ ୨୧ ତାରିଖ ସୁଦ୍ଧା ସରକାରଙ୍କ ନିୟମ ଅନୁଯାୟୀ ୨ରୁ ଅଧିକ ସନ୍ତାନ ଥିବା ଦର୍ଶାଇ ସିଙ୍ଗଝରନର କେଶରୀ ଦୁର୍ଗା ତାଙ୍କ ବିରୋଧରେ ଅଭିଯୋଗ କରିଥିଲେ। ବୋର୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରିପୋର୍ଟ ଅନୁଯାୟୀ ମମତାଙ୍କ ୩ଟି ସନ୍ତାନ ଥିବା ଜଣାପଡ଼ିଛି। ୨ରୁ ଅଧିକ ସନ୍ତାନ ଥିବାରୁ ଜିଲାପାଳ ମମତାଙ୍କୁ ମାଲଗାଁ ପଞ୍ଚାୟତର ୱାର୍ଡ ନଂ-୧୩ର ୱାର୍ଡସଭ୍ୟା ପଦବିକୁ ଅଯୋଗ୍ୟ ଘୋଷଣା କରିଛନ୍ତି। ମିଥ୍ୟା ସତ୍ୟପାଠ କରି ଅଯୋଗ୍ୟ ଘୋଷିତ ହେଲେ ୬ ମାସ ଜେଲ ପ୍ରାବଧାନ ଥିଲେ ମଧ ଏଭଳି ମିଥ୍ୟା ସତ୍ୟପାଠ ବିଭିନ୍ନ ସ୍ଥାନରେ ଦାଖଲ ହେଉଥିବା ନେଇ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି।

# ଜବରଦଖଲ ଉଚ୍ଛେଦ ପାଇଁ ଆକ୍‌ସନ ମୋଡ୍‌ରେ ପ୍ରଶାସନ

**ବାଉଁଶୁଣୀ,୨୧।୧୦(ଡି.ଏନ୍.ଏ.)**

ବୌଦ୍ଧ ଜିଲା ବାଉଁଶୁଣୀ ବଜାର ଅଞ୍ଚଳରେ ଜବରଦଖଲ ଉଚ୍ଛେଦ ପାଇଁ ଆକ୍‌ସନ ମୋଡ଼ରେ ପ୍ରଶାସନ ରହିଛି। ଫଳରେ ଦୋକାନକରି ପରିବାର ଚଳାଉଥିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବାଉଁଶୁଣୀ ବଜାର ରାସ୍ତା କଡ଼ରେ ଅନେକ ବର୍ଷ ହେଲା ଛୋଟ ଛୋଟ ଦୋକାନ କରି ପରିବାର ପ୍ରତିପୋଷଣ କରିଆସୁଥିଲେ ଅନେକ ଦୋକାନୀ। ଗତ ସୋମବାର ଆମ୍ବଝରି ପଞ୍ଚାୟତରେ ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଅଭିଯୋଗ ଶୁଣାଣି ଶିବିର ସମାପ୍ତ କରି ଫେରିବା ବାଟରେ ଅଚାନକ ବାଉଁଶୁଣୀ ହସ୍‌ପିଟାଲ ପରିଦର୍ଶନ କରିଥିଲେ। ହସ୍‌ପିଟାଲ ସାମ୍ନାରେ ଥିବା ଦୋକାନଗୁଡ଼ିକ ପାଇଁ ଟ୍ରାଫିକ ସମସ୍ୟା ଉପୁଜୁଥିବା ନେଇ ତୁରନ୍ତ ସେହି ଦୋକାନଗୁଡ଼ିକୁ ହଟାଇବା ପାଇଁ ଜିଲାପାଳ ସତ୍ୟରଞ୍ଜନ ସାହୁ ବାଉଁଶୁଣୀ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ବାଉଁଶୁଣୀ ବସଷ୍ଟାଣ୍ଡରୁ ଗୁନ୍ଦୁଲିଆ



ରାଜସ୍ୱ ବିଭାଗ ପକ୍ଷରୁ ବାଉଁଶୁଣୀରେ ସରକାରୀ ଜାଗା ଚିହ୍ନଟ କରାଯାଉଛି।

ରାସ୍ତା, ଥାନା ରୋଡ ସହିତ ଏନ୍‌ଏଚରେ ଦୁଇ କଡରେ ଜବରଦଖଲ କରି ରହିଥିବା ଦୋକାନଗୁଡ଼ିକୁ ୭ ଦିନ ମଧରେ ହଟାଇବାକୁ କହିଥିଲେ। କିନ୍ତୁ ବ୍ୟବସାୟୀମାନେ ଘର ଭାଙ୍ଗିବାକୁ କିଛି ଦିନ ସମୟ ମାଗିଥିଲେ। ହେଲେ କୌଣସି ଅଧିକାରୀ ଶୁଣି ନ ଥିଲେ। ଯାହାକି ନିରାଶ ହୋଇ ଉଠାଦୋକାନୀମାନେ ଜାଗା ଛାଡ଼ିବାକୁ ବାଧ ହୋଇଥିଲେ। ଗୁରୁବାର ଅତିରିକ୍ତ ତହସିଲଦାର ମନୋରଞ୍ଜନ ସୁନାଙ୍କ ସହ ବାଉଁଶୁଣୀ ରାଜସ୍ୱ ନିରୀକ୍ଷକ, ଗୁନ୍ଦୁଲିଆ ରାଜସ୍ୱ ନିରୀକ୍ଷକ ଏବଂ ଅନ୍ୟ କର୍ମଚାରୀମାନେ ମିଳିତ ଭାବେ ସରକାରୀ ସ୍ଥାନକୁ ନାଲିଗାର ଟାଣି ଚିହ୍ନଟ କରିଥିଲେ। ସେହି ସମୟରେ କିଛି ଲୋକ ଆମେ ଭାଙ୍ଗିବା ପାଇଁ ରାଜି ଅଛୁ, ଆମକୁ ଦୀପାବଳି ପର୍ଯ୍ୟନ୍ତ ସମୟ ଦିଅନ୍ତୁ ବୋଲି ନେହୁରା ହୋଇଥିଲେ। ହେଲେ ଆମକୁ ଜିଲାପାଳ ଯେଉଁ ଦିନଠୁ ସମୟ ଦେଇଛନ୍ତି ସେହିଦିନଠାରୁ ୭ ଦିନ ମଧରେ ଜାଗା ଖାଲି କରିବାକୁ ପଡ଼ିବ ବୋଲି ଅତିରିକ୍ତ ତହସିଲଦାର କହିଥିଲେ। ସେହି ଦିନଠୁ ହିସାବ କଲେ ଦୀପାବଳି ପୂର୍ବ ଦିନ ପଡୁଛି। ଯାହାକି ଏବର୍ଷ ଦୀପାବଳି ଫିକା ପଡ଼ିପାରେ ବୋଲି ଲୋକଙ୍କ ମଧରେ ଆଲୋଚନା ହେଉଛି। ତେବେ ଅସ୍ଥାୟୀ ଭାବେ ଦୋକାନ କରି ନିଜ ପରିବାର ପ୍ରତିପୋଷଣ କରୁଥିବାରୁ ପ୍ରଶାସନର ଏପରି ତରବରିଆ ନିଷ୍ପତ୍ତି ଯୋଗୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପୂର୍ବରୁ କୌଣସି ସୂଚନା ନ ଦେଇ ହଠାତ ଉଚ୍ଛେଦକୁ ବ୍ୟବସାୟୀମାନେ ସମାଲୋଚନା କରିଛନ୍ତି। ତୁରନ୍ତ ଉଠାଦୋକାନୀଙ୍କୁ ଆଗ ଥଇଥାନ କରି ପରେ ଉଚ୍ଛେଦ କରିବାକୁ ଜନସାଧାରଣରେ ଦାବି ହେଉଥିବାବେଳେ ବାରମ୍ବାର ଟ୍ରାଫିକ ସମସ୍ୟା ଉପୁଜୁଥିବାରୁ ପୂର୍ବରୁ ଜବରଦଖଲ ଉଚ୍ଛେଦ ପାଇଁ ବାଉଁଶୁଣୀ ନାଗରିକ କମିଟି ଅନେକ ଥର ଦାବି କରୁଥିଲେ। ଯାହାକି ଏବେ ତାହା ସଫଳ ହେବାରେ ଲାଗିଛି।

## ଏକ୍ସିସ ବ୍ୟାଙ୍କ ମ୍ୟାନେଜର, ରାଜସ୍ୱ ନିରୀକ୍ଷକଙ୍କୁ ଜେରା

**ଟଙ୍କା ହଡ଼ପ କରି ଆକାଉଣ୍ଟାଣ୍ଟ ଫେରାର ଘଟଣା**

**ଭବାନୀପାଟଣା,୨୧।୧୦(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବିଇଓ କାର୍ଯ୍ୟାଳୟର ଆକାଉଣ୍ଟାଣ୍ଟ ଶୁଚିସ୍ମିତା ସୁଆର ଟଙ୍କା ହଡ଼ପ ଘଟଣାରେ ଭିଜିଲାନ୍ସ ପକ୍ଷରୁ ଆକ୍ସିସ ବ୍ୟାଙ୍କ ମ୍ୟାନେଜର ଓ ଭବାନୀପାଟଣା ନକୁଲ ରାଜସ୍ୱ ନିରୀକ୍ଷକଙ୍କୁ ଜେରା କରାଯାଇଛି। ଅନ୍ୟପକ୍ଷରେ ଶୁଚିସ୍ମିତା ନିଜ ମା'ଙ୍କ ନାମରେ ମଧ ହିଲଟାଉନରେ ଜମି କିଣିଥିବା ସୂଚନା ମିଳିଛି। ପ୍ରକାଶ ଯେ, ଭବାନୀପାଟଣା ବିଇସ ଅଫିସ ଆକାଉଣ୍ଟାଣ୍ଟ ଶୁଚିସ୍ମିତା ସୁଆର ଟଙ୍କା ହଡ଼ପ ଘଟଣାରେ ଭିଜିଲାନ୍ସ ବିଭାଗ ଆକ୍ସିସ ବ୍ୟାଙ୍କର ମ୍ୟାନେଜର ମନୋରଞ୍ଜନ ସାହୁ ଓ ଭବାନୀପାଟଣା ନକୁଲ ରାଜସ୍ୱ ନିରୀକ୍ଷକ ରାକେଶ କୁମାର ସାହୁଙ୍କୁ ଜେରା କରିଥିଲା। ଆକ୍ସିସ ବ୍ୟାଙ୍କରେ ଟଙ୍କା ନେଣଦେଣ ଉପରେ ସବିଶେଷ ତଥ୍ୟ ଯାଞ୍ଚ କରାଯାଇଥିଲା। ସେହିଭଳି ଇରିଗେସନ କଲୋନୀରେ ଭିଜିଲାନ୍ସ ପକ୍ଷରୁ ସିଲ ହୋଇଥିବା ୨ଟି ଘର ଓ ହିଲଟାଇଉନେର ନିଜ ମା'ଙ୍କ ନାରେ କିଣା ଯାଇଥିବା ଜମିର ତଦନ୍ତ କରାଯାଇଥିଲା। ଭବାନୀପାଟଣା ତହସିଲର ଖାତା ନଂ-୧୮୯/୫୯୪୬, ପ୍ଲଟ ନଂ.୨୦୯/୬୧୫୭ରେ ୮୦ ଡିସିମିଲ, ସ୍ୱପ୍ନା ସୁଆରଙ୍କ ନାମରେ ରେଜିଷ୍ଟ୍ରେଶନ ହୋଇଛି। ମ୍ୟୁଟେସନ କେସ ନଂ-୩୧୮୯/ ୨୦୨୦ ତାରିଖ ୭।୯।୨୦୨୦ରେ ପଟ୍ଟା ମିଳିଥିଲା। ସେହିଭଳି ଖାତା ନଂ. ୧୩୩/୫୯୯ ପ୍ଲଟ ନଂ.୧୩୨/୬୯୮ରେ ୧ ଏକର ସ୍ୱପ୍ନା ସୁଆରଙ୍କ ନାମରେ କିଣାଯାଇଛି। ମ୍ୟୁଟେସନ କେସ ନଂ.୧୫୨୯/୨୦୨୦ ତା. ୨୫।୩।୨୦୨୨ରେ ଖାରଜ ହୋଇ ଖାତା ନଂ. ୧୩୩/୩୮କୁ ଆସିବା ସହ ପଟ୍ଟା ମିଳିଛି। ଗୋଟିଏ ପଟେ ଇରିଗେସନ କଲୋନୀ ୧୫ ନଂ. ଲେନରେ ୪ ମହଲା କୋଠା ଓ ଅନ୍ୟ ଏକ ସ୍ଥାନରେ ଏକ ଆଜବେଷ୍ଟସ ଘରକୁ ଭିଜିଲାନ୍ସ ପକ୍ଷରୁ ପୂର୍ବରୁ ସିଲ କରାଯାଇଛି। ବର୍ତ୍ତମାନ ହିଲ ଟାଉନର ୨ଟି ଜମି ଉପରେ ଭିଜିଲାନ୍ସର ଖୋଳତାଡ଼ ଆରମ୍ଭ ହୋଇଛି। ବୁଧବାର ଏହି ଘଟଣାରେ ଶୁଚିସ୍ମିତାଙ୍କ ସହ ସାମିଲ ଥିବା ଅଭିଯୋଗରେ ଟାଉନ ଥାନା ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ହେଲେ ୧୪ ଦିନ ପରେ ବି ଟାଉନ ଥାନା ପୋଲିସ ଶୁଚିସ୍ମିତାଙ୍କୁ ଠାବ କରିପାରି ନ ଥିବାରୁ ପୋଲିସର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଚୋରି ଅଭିଯୋଗରେ ୪ ଗିରଫ

**ଅତାବିରା/ସରଣ୍ଡା,୨୧।୧୦(ଡି.ଏନ.ଏ)**

ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ ଗାଲଭାନାଇଜ୍‌ଡ ଇଲେକ୍ଟ୍ରିକ୍ ପୋଲ୍ ଚୋରି ଅଭିଯୋଗରେ ବରଗଡ଼ ଜିଲା ଅତାବିରା ଥାନା ପୋଲିସ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ଜିଲା ଟାଉନ ଥାନା ଅନ୍ତର୍ଗତ ୱାର୍ଡ଼ ନଂ-୫ ସହରାପଡ଼ାର ରୋହିତ ଅଗ୍ରୱାଲ(୨୦), ତଳିପଡ଼ାର ବିକି ଶର୍ମା(୨୩), ସମ୍ବଲପୁର ଜିଲା ହୀରାକୁଦ ଥାନା ଗୁଜାତଲର ମୂଳ ବାସିନ୍ଦା ତଥା ବର୍ତ୍ତମାନ ବରଗଡ଼ ଟାଉନ ଥାନା ଅନ୍ତର୍ଗତ ୱାର୍ଡ଼ ନଂ-୮ ଗୌଡ଼ପଡ଼ାରେ ରହୁଥିବା ଲୋକନାଥ ଓରଫ ସୁଶାନ୍ତ ଗୌଡ଼(୩୪) ଏବଂ ସମ୍ବଲପୁର ଜିଲା କ୍ଷେତରାଜପୁର ଥାନା କ୍ରିଷ୍ଣା ନଗର ନିବାସୀ ସଞ୍ଜୟ କୁମାର ସିଂ(୩୬)। ସେମାନଙ୍କ ପାଖରୁ ଏକ ବୋଲେରୋ (ନଂ.ଓଡ଼ି୨୩ଏଲ/୨୧୭୫), ଗୋଟିଏ ଏଲ୍‌ପିଜି ଗ୍ୟାସ୍ ଭର୍ତ୍ତି ସିଲିଣ୍ଡର, ଗୋଟିଏ



ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ ।

ଅକ୍ସିଜେନ ଗ୍ୟାସ ଭର୍ତ୍ତି ସିଲିଣ୍ଡର, ୨ଟି ଗ୍ୟାସ୍ ପାଇପ୍, ୪ଟି ମୋବାଇଲ ଏବଂ ୫ଟି ଗାଲଭାନାଇଜ୍‌ଡ ଇଲେକ୍ଟ୍ରିକ୍ ପୋଲ ଜବତ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ଅତାବିରା ଥାନାରେ ଏକ ମାମଲା (ନଂ.୩୫୭/୨୨) ରୁଜୁ ହୋଇଛି।

ପ୍ରକାଶ ଯେ, ଗଙ୍ଗାଧର ମେହେର ଉଠାଜଳସେଚନ ପ୍ରକଳ୍ପ ପାଇଁ ହୀରାକୁଦ ଜଳଭଣ୍ଡାର ଜିରୋ ପଏଣ୍ଟ ନିକଟରୁ ପାଇପ୍ ପୋତାଯାଉଥିବାବେଳେ ଗାଲଭାନାଇଜ୍‌ଡ ଇଲେକ୍ଟ୍ରିକ ପୋଲ ମଧ୍ୟ ସ୍ଥାପନ କରାଯାଉଛି। ଗତ ୧୨ରୁ ୧୪ତାରିଖ ମଧ୍ୟରେ ସିଲେଟରୁ ନୂଆ ବାଟିମୁଣ୍ଡା ପର୍ଯ୍ୟନ୍ତ ସ୍ଥାପିତ ୫ଟି ଗାଲଭାନାଇଜ୍‌ଡ ଇଲେକ୍ଟ୍ରିକ ପୋଲ ଚୋରି ହୋଇଥିଲା। ଏ ନେଇ ଏଲ୍‌ଆଣ୍ଡଟି କନଷ୍ଟ୍ରକ୍ସନର ମ୍ୟାନେଜର ପଦ୍ମନାବନ ରବିଶଙ୍କର ଅତାବିରା ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ମୃତଦେହ ରଖି ରାଜପଥ ଅବରୋଧ

**ବରଗଡ଼ ଅଫିସ୍,୨୧।୧୦(ଡି.ଏନ.ଏ)**

ବରଗଡ଼ ସହର ଉପକଣ୍ଠ ଘୁଲିପାଲି ଛକର ୫୩ ନମ୍ବର ଜାତୀୟ ରାଜପଥରେ ଶୁକ୍ରବାର ସନ୍ଧ୍ୟାରେ ଏକ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଘୁଲିପାଲିର ବିଶ୍ୱାମିତ୍ର ପଟେଲ(୪୨)। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ରାଜପଥ ଅବରୋଧ କରିଥିଲେ। ପୋଲିସ ଏବଂ ପ୍ରଶାସନିକ ଅଧିକାରୀ ପହଞ୍ଚି ସେମାନଙ୍କ ସହିତ ଆଲୋଚନା କରିଥିଲେ । ସନ୍ଧ୍ୟା ପ୍ରାୟ ୭ଟାରେ ରାଜପଥ ଅବରୋଧରୁ ଲୋକେ ହଟିଥିଲେ। ପ୍ରକାଶ ଯେ, ବିଶ୍ୱାମିତ୍ର ଘୁଲିପାଲି ଛକରେ ବାଇକ୍ ଯୋଗେ ରାସ୍ତା ଅତିକ୍ରମ କରୁଥିବା ବେଳେ ଏକ ଦ୍ରୁତଗାମୀ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଏବଂ ଦୁର୍ଘଟଣାସ୍ଥଳରେ ଟ୍ରାଫିକ ବ୍ୟବସ୍ଥା କରିବାକୁ ଉତ୍ତ୍ୟକ୍ତ ଲୋକେ ଦାବି କରିଥିଲେ।

# ପଦ୍ମନପୁରରେ ବିଜେଡିର ଜନସମ୍ପର୍କ ପଦଯାତ୍ରା




ପଦ୍ମନପୁର ଗ୍ରାମରେ ବିଜେଡିର ପଦଯାତ୍ରା ଅବସରରେ ସଭାରେ ମନ୍ତ୍ରୀ ଓ ଅନ୍ୟମାନେ।

**ବୌଦ୍ଧ,୨୧।୧୦(ସ୍ୱ.ପ୍ର)**

ବୌଦ୍ଧ ଜିଲା ବିଜେଡି ପକ୍ଷରୁ ଶୁକ୍ରବାର ବୌଦ୍ଧ ବିଧାନସଭା ନିର୍ବାଚନମଣ୍ଡଳୀର ପଦ୍ମନପୁରଠାରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗତ ଅକ୍ଟୋବର ଗାନ୍ଧୀ ଜୟନ୍ତୀଠାରୁ ବିଜେଡି ପକ୍ଷରୁ ସାରା ରାଜ୍ୟରେ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପଦଯାତ୍ରା କମିରା ଗ୍ରାମରୁ ବାହାରି ପଦ୍ମନପୁର ହାଟଠାରେ ଶେଷ ହୋଇଥିବା ସହ ଏକ ସଭା ଅନୁଷ୍ଠିତ ହୋଇଥିଲା। ପଦଯାତ୍ରାରେ ମୁଖ୍ୟ ଅତିଥିଭାବେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତରାଜ, ପାନୀୟଜଳ ଓ ସୂଚନା ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେଇଥିଲେ। ଏହି ଜନସମ୍ପର୍କ ପଦଯାତ୍ରାରେ କାର୍ଯ୍ୟକ୍ରମରେ ବୌଦ୍ଧ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ ମହିଳା, ପୁରୁଷ କର୍ମୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବୌଦ୍ଧ ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ବୌଦ୍ଧ ଜିଲା ବିଜେଡି ଦଳର ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ, ଜିଲା ପରିଷଦ ସଭ୍ୟା କଳ୍ପନା ସାହୁ, କନ୍ଧମାଳ ସାଂସଦ ପ୍ରତିନିଧି ତାରେଣୀ କୁମାର ମହାପାତ୍ର, ବିଜେଡି ରାଜ୍ୟ ଯୁଗ୍ମସମ୍ପାଦକ ଅଶୋକ କୁମାର ସାହୁଙ୍କ ସମେତ ଦଳର ବହୁ ନେତା ସରପଞ୍ଚ, ସମିତିସଭ୍ୟମାନେ ସାମିଲ ଥିଲେ।

# ପତ୍ରାପାଲିରେ ସୁରଭି କାର୍ଯ୍ୟକ୍ରମ



ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ଜାମଟିକ୍ରା, ୨୧।୧୦(ଡି.ଏନ.ଏ.)**

ଅତାବିରା ବ୍ଲକ ଅଧୀନ ପତ୍ରାପାଲି ଗ୍ରାମପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ବୁଗବୁଗା ଆଞ୍ଚଳିକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଶୁକ୍ରବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ସମାରୋହରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଙ୍ଗୀତାରାଣୀ ମିଶ୍ର ସଭାପତିତ୍ୱ କରିଥିବା ବେଳେ ଅତାବିରା ବିଆର୍‌ସିସି କାର୍ତ୍ତିକ ବାଗ, ଏବିଇଓ ତପନ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବୁଗବୁଗା ସିଆର୍‌ସିସି ନନ୍ଦିଘୋଷ ଭୁଏ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବିଦ୍ୟାଳୟର ସହକାରୀ ଶିକ୍ଷକ ଟୁନା କର୍ଣ୍ଣ ପରିଚାଳନା କରିଥିଲେ। ଭିନ୍ନ ଭିନ୍ନ ପ୍ରତିଯୋଗିତାରେ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରୁ ୧୪୭ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବୁଗବୁଗା ସରପଞ୍ଚ ଶେଷଦେବ ଛନ୍ଦ ଯୋଗଦାନ କରି ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମକୁ ମନୋନୀତ ହୋଇଥିବା ଛାତ୍ରୀଛାତ୍ରମାନେ ହେଲେ ଅନୁଷ୍କା ଦୀପ, କୁସୁମ ଭୁଏ, ସିମ୍ରନ ମହାକୁର, ବାସୁଦେବ ସାହୁ, ଇପ୍ସିତା ପ୍ରଧାନ, ଲେଖାଶ୍ରୀ ସାହୁ, ପ୍ରତୀକ କର୍ଣ୍ଣ, ସୋମ୍ୟାଶ୍ରୀ ପାତ୍ର, ମୋନାଲିସା ବାରିକ, ଅଙ୍କିତା ଛନ୍ଦ, ଶିବାନୀ ସୁନା, ଗୀତାଞ୍ଜଳି ବାରିକ, ଲତିକା ଭୁଏ, ସୋନି ବିଶାଳ, ଜୟକୁମାର ପଧାନ ଓ ସଞ୍ଜନା ଭୁଏ। ଶେଷରେ ଗରିଆଟିକ୍ରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କର ଧନ୍ୟବାଦ ଅର୍ପଣ କରିଥିଲେ।

## କୋକସରାରେ ନୂତନ ତହସିଲଦାରଙ୍କ ଯୋଗଦାନ

**କୋକସରା,୨୧।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ତହସିଲ କାର୍ଯ୍ୟାଳୟରେ ଗୁରୁବାର ନୂତନ ତହସିଲଦାର ଭାବେ ଦେବବ୍ରତ କରାଟି ଦାୟିତ୍ୱ ଗ୍ରହଣ କରିଛନ୍ତି। କୋକସରା ତହସିଲଦାର ରାକେଶ ପାରୁଆଙ୍କଠାରୁ ନୂତନ ତହସିଲଦାର କରାଟି କାର୍ଯ୍ୟଭାର ଗ୍ରହଣ କରିଥିବା ବେଳେ ତହସିଲ ଓ ରାଜସ୍ୱ ବିଭାଗ କର୍ମଚାରୀମାନେ ତାଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ। ଆଗକୁ ସେ ତହସିଲ ଅଧୀନସ୍ଥ ଜନସାଧାରଣଙ୍କ ପାଇଁ ନିଷ୍ଠାର ସହ କାମ କରିବେ ବୋଲି କହିଛନ୍ତି।

# ବୌଦ୍ଧ ଜିଲାସ୍ତରୀୟ ଶହୀଦ ଦିବସ ପାଳିତ

**ବୌଦ୍ଧ, ୨୧।୧୦(ସ୍ୱ.ପ୍ର.)**

ବୌଦ୍ଧ ଜିଲା ପୋଲିସ ଓ ୫ମ ଆଇଆରବି ପକ୍ଷରୁ ବଲାସିଙ୍ଗାସ୍ଥିତ ଆଇଆରବି ପ୍ୟାରେଡ ପଡିଆରେ ଶୁକ୍ରବାର ୬୩ ତମ ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମୀନା ଯୋଗଦେଇ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିବା ସହିତ ଶହୀଦ ହୋଇଥିବା ଯବାନମାନଙ୍କର ନାମ ପାଠ କରିଥିଲେ। ସମ୍ମାନିତ ଅତିଥିଭାବରେ ପଞ୍ଚମ ଇଣ୍ଡିଆନ ରିଜର୍ଭ ବାଟାଲିଆନର ଦୁର୍ଗପତି ଦୁର୍ବାସା ନାଏକ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରବୀନ୍ଦ୍ର କୁମାର ରାଉତ, ଉପ ଦୁର୍ଗପତି ଗୋପବନ୍ଧୁ ତ୍ରିପାଠି, ଅନିଲ ପ୍ରଧାନ, ଏସ୍‌ଡିପିଓ ଆନନ୍ଦବର୍ଦ୍ଧନ ଗୁରୁ, ସହକାରୀ ଦୁର୍ଗପତି ଲଳିତ ବାଘ, ବୌଦ୍ଧ ଥାନା ଅଧିକାରୀ ମାଧବାନନ୍ଦ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ସହକାରୀ ଦୁର୍ଗପତି ବେଲାର ମେହେର ପରେଡ ପରିଚାଳନା କରିଥିଲେ। ଇନସିପେକ୍ଟର ପ୍ରାଣ କିଶୋର ବାସ୍କେ ସେକେଣ୍ଡ କମାଣ୍ଡ ଭାବେ ପରେଡ ପରିଚାଳନା କରିଥିଲେ। ତେତେଲେଙ୍ଗା ଗ୍ରାମର ଶହୀଦ ଗୋବିନ୍ଦ ପ୍ରଧାନଙ୍କ ପିତା ଏକାଦେଶୀ ପ୍ରଧାନ ଓ ପଦ୍ମନପୁର ଗ୍ରାମର ଶହୀଦ ବିଭୁଧେନ୍ଦ୍ର ବିଶ୍ୱାଳଙ୍କ ପିତା ବସନ୍ତ ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଥିଲା।



ପୋଲିସ ଶହୀଦ ଦିବସ

# ନନ୍ଦନବନ ପ୍ରକଳ୍ପର ଶିଳାନ୍ୟାସ

**ବୌଦ୍ଧ,୨୧।୧୦(ସ୍ୱ.ପ୍ର.)**

ବିଶ୍ୱର ପର୍ଯ୍ୟଟନ ମାନଚିତ୍ରରେ ବୌଦ୍ଧ ଜିଲା ସ୍ଥାନ ପାଇବାକୁ ଯାଉଛି। ଦୀପାବଳୀର ଶୁଭେଚ୍ଛା ସହ ଜିଲାବାସୀଙ୍କ ପାଇଁ ଏହି ଖୁସି ଖବର ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠି ସହାୟତାରେ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବୀରନରସିଂହପୁରଠାରେ ୧୭୦୦ ଏକର ଅଞ୍ଚଳରେ ହେବାକୁ ଥିବା ଏହି ପରିବେଶ ପାର୍କର ଶିଳାନ୍ୟାସ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଭାସି ଜରିଆରେ ହୋଇଛି। ବୌଦ୍ଧଠାରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାବରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ,ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଏହି ବହୁ ଆକାଂକ୍ଷିତ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧକ୍ଷ ଅସିତ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର



ନନ୍ଦନବନ ଶିଳାନ୍ୟାସ ସମୟରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଓ ଅନ୍ୟମାନେ।

ବିଭିନ୍ନ ଜିଲାରେ ୯ଟି ପ୍ରକଳ୍ପର ଶିଳାନ୍ୟାସ ଓ ୯ଟି ପ୍ରକଳ୍ପର ଉଦ୍‌ଘାଟନ କରାଯାଇଥିବାବେଳେ ବୌଦ୍ଧ ଜିଲାରେ ପରିବେଶ ପାର୍କ ନନ୍ଦନବନର ଶିଳାନ୍ୟାସ ଓ ଜିଲା ସଂଗ୍ରହାଳୟର ସମ୍ପ୍ରସାରଣ କାର୍ଯ୍ୟର ଉଦ୍‌ଘାଟନ ହୋଇଛି। ନନ୍ଦନବନ ପ୍ରକଳ୍ପ ପାଇଁ ପ୍ରାଥମିକ ପର୍ଯ୍ୟାୟରେ ୪ କୋଟି ଟଙ୍କା ସରକାର ମଞ୍ଜୁର କରିଥିବାବେଳେ ଏଥିପାଇଁ ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିବା ଜଣାଯାଇଛି। ଏହାରି ମଧ୍ୟରେ ପର୍ଯ୍ୟଟକମାନେ ମୁକ୍ତ ବାୟୁ ଓ ପ୍ରାକୃତିକ ଶୋଭାରାଜି ଉପଭୋଗ କରିବା ସହିତ ବ୍ୟାଘ୍ର ସଫାରୀ ଏବଂ ଅନେକ ଜୀବଜନ୍ତ ଦେଖିପାରିବେ। ଏଥିସହିତ ଶିଶୁମାନଙ୍କ ମନୋରଞ୍ଜନ ପାଇଁ ପରିବେଶ ପାର୍କ ମଧ୍ୟରେ ସ୍ୱତନ୍ତ୍ର ଭାବରେ ଯୋଜନା କରାଯାଉଥିବା ଜଣାଯାଇଛି। ଶିଳାନ୍ୟାସ ସମୟରେ ଜିଲାପାଳ ସତ୍ୟରଞ୍ଜନ ସାହୁ, ଜିଲା ପରିଷଦ ଅଧକ୍ଷା ପ୍ରଭାସିନୀ ଦାସ, କନ୍ଧମାଳ ସାଂସଦଙ୍କ ପ୍ରତିନିଧି ତାରେଣୀ କୁମାର ମହାପାତ୍ର, ଏନ୍‌ଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କ ସମେତ ବହୁ ଅଧିକାରୀ ସାମିଲ ଥିଲେ।

**ଶହୀଦ୍ ଦିବସ ପାଳିତ**

ବୋଡେନ,(ଡି.ଏନ.ଏ.): ନୂଆପଡା ଜିଲା ବୋଡେନ ଥାନା ପୋଲିସ ପକ୍ଷରୁ ଶହୀଦ ଦିବସ ପାଳିତ ହୋଇଯାଇଛି। ଥାନା ଭାରପ୍ରାପ୍ତ ଅଧିକାରୀ ସୁଦର୍ଶନ ନାଏକଙ୍କ ତତ୍ତ୍ୱାବଧାନରେ ଶହୀଦ୍ ଦେବେନ୍ଦ୍ର ଧରୁଆଙ୍କ ପୈତୃକ ଗ୍ରାମ ରାଜପୁରଠାରେ ସ୍ଥାପିତ ଶହୀଦ ସ୍ମୃତିପୀଠ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବୋଡେନ ଥାନା ସମସ୍ତ କର୍ମଚାରୀଙ୍କ ସହ ଶହୀଦ୍‌ଙ୍କ ପରିବାର ଓ ଗ୍ରାମବାସୀ ଉପସ୍ଥିତ ରହି ଶହୀଦ୍ ଦେବେନ୍ଦ୍ରଙ୍କୁ ଶ୍ରଦ୍ଧାଳି ଜ୍ଞାପନ କରିଥିଲେ।



# ଭିଡିଓ କନ୍‌ଫରେନ୍ସିଂରେ ମୁଖ୍ୟମନ୍ତ୍ରୀ କଲେ ପ୍ରକଳ୍ପ ଲୋକାର୍ପଣ, ଶିଳାନ୍ୟାସ

ବଲାଙ୍ଗୀର ଅଫିସ, ୨୧।୧୦

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବଲାଙ୍ଗୀର ଜିଲାର ୨ଟି ପ୍ରକଳ୍ପର ଲୋକାର୍ପଣ ଏବଂ ଗୋଟିଏ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ୧ କୋଟି ୮୮ ଲକ୍ଷ ୪୮ ହଜାର ୧୦୦ ଟଙ୍କା ବ୍ୟୟ ଅଟକଳରେ ବଲାଙ୍ଗୀର ସହର ମହାଲକ୍ଷ୍ମୀନଗର ଠାରେ ନିର୍ମିତ କଲ୍ୟାଣ ମଣ୍ଡପ ଓ ୯୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଟିଟିଲାଗଡ ସହରସ୍ଥିତ ଟିଟିଲାଗଡ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ଏକାଡେମିକ ଗୃହକୁ ମୁଖ୍ୟମନ୍ତ୍ରୀ ଜିଲାବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିଥିଲେ। ଏହାସହିତ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ବଲାଙ୍ଗୀରସ୍ଥିତ ବିଜାଖମନଠାରେ ୮ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ୫୦୦ ଆସନ ବିଶିଷ୍ଟ ପ୍ରେକ୍ଷାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟସ୍ଥିତ ଓସୱାନ ଭିଡିଓ କନଫରେନ୍ସିଂ ହଲ ଠାରେ ଅନୁଷ୍ଠିତ ଏହି ଲୋକାର୍ପଣ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ଜିଲା ପରିଷଦ ଅଧକ୍ଷା ଦେବକୀ ସାହୁ, ଜିଲାପାଳ ଚଞ୍ଚଳ ରାଣା, ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ସିଂ, ବଲାଙ୍ଗୀର ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଏନ୍‌କେ ଘଡାଇ, କଣ୍ଟାବାଞ୍ଜି ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଅର୍ଜୁନ ବେହେରା, ବଲାଙ୍ଗୀର ପୌର ପରିଷଦର ୱାର୍ଡ ନମ୍ବର ୧୮ର କାଉନସିଲର ଗଙ୍ଗାଧର ଚାନ୍ଦ, ପଶ୍ଚିମ ଓଡିଶା ବିକାଶ ପରିଷଦ ବଲାଙ୍ଗୀର କାର୍ଯ୍ୟାଳୟ ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ଦୀପ ଉପସ୍ଥିତ




ମୁଖ୍ୟମନ୍ତ୍ରୀଙ୍କ ଭିଡିଓ କନ୍‌ଫେରେନ୍ସିଂରେ ବଲାଙ୍ଗୀରରେ ଉପସ୍ଥିତ ଥିବା ବିଧାୟକ, ଜିଲା ପରିଷଦ ଅଧକ୍ଷା, ଜିଲାପାଳ, ପୌରାଧକ୍ଷା ଓ ଅନ୍ୟ ଅଧିକାରୀ।

**ଉନ୍ନତି କମ୍, ରାଜନୀତି ବେଶୀ: ନରସିଂହ**

ଥିଲେ। କାର୍ଯ୍ୟକ୍ରମ ସରିବା ପରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଆଜିର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ବେଶୀ ରାଜନୀତି , ଉନ୍ନିତି କମ୍ ରହିଥିଲା ବୋଲି କହିଥିଲେ। ଯେଉଁ କଲ୍ୟାଣ ମଣ୍ଡପ ଉଦ୍‌ଘାଟନ କରାଯାଇଛି ତାହା କେବେ ଏବଂ କେମିତି ହେଲା ତାହା ଲୋକେ ଜାଣିଛନ୍ତି। ସେ କଲ୍ୟାଣ ମଣ୍ଡପ ସମ୍ପୂର୍ଣ୍ଣ ହୋଇନାହିଁ ଓ ଉଦ୍‌ଘାଟନ କରାଯାଇଛି। ତାହା ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଯାହା ଅର୍ଥ ଆବଶ୍ୟକ ମୁଖ୍ୟମନ୍ତ୍ରୀ ଦେଇଦିଅନ୍ତୁ ବୋଲି ସେ କହିଥିଲେ। ଯେଉଁ ଅଡଟୋରିୟମ ଶୁଭ ଦିଆଯାଇଛି ସେଥିରେ ୫ ଶହ ଲୋକ ବସିପାରିବେ। ଆମେ ୧ ହଜାର ଲୋକ ବସିବା ଅଡିଟୋରିୟମ କରାଯିବାକୁ ଦାବି କରିଥିଲୁ । ଏଦିଗରେ ପଦକ୍ଷେପ ନେବାକୁ ସେ କହିଥିଲେ।

## ବାଲ୍ୟ ବିବାହ ନିରାକରଣ ସଚେତନତା ଅଭିଯାନ

ଲୋଇସିଂହା,୨୧।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ନୋଡାଲ ହାଇସ୍କୁଲଠାରେ ଜିଲା ପ୍ରଶାସନ ଓ ସମାଜ କଲ୍ୟାଣ ଏବଂ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଆନୁକୂଲ୍ୟରେ ବାଲ୍ୟବିବାହ ନିରାକରଣ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ମହିଳା ସଂଗଠନ ଓ ଅଙ୍ଗନବାଡି,ଆଶାକର୍ମୀ ଅଂଶଗ୍ରହଣ କରିଥିଲେ। ସଚେତନତା ସଭାରେ ବି. ସାହୁ ଅଧକ୍ଷତା କରିଥିଲେ। ଏଥିରେ ଜିଲା ଶିଶୁ ସୁରକ୍ଷା ପ୍ରୋଗ୍ରାମ ଅଫିସର ଜୟନ୍ତୀ ମହାନ୍ତି, ଲୀନା ବାବୁ,ସିଡିପିଓ ଜ୍ୟୋର୍ତିମୟୀ ନାୟକ ଅତିଥି ଭାବେ ଯୋଗାଦେଇଥିଲେ। ବାଲ୍ୟବିବାହର କୁପରିଣାମ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଅତିଥି ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପଲ୍ଲୀ ଆଲୋକ ପାଠାଗାରର ଗୋବିନ୍ଦଚନ୍ଦ୍ର ବିଶି,ପିଣ୍ଟୁ ପଧାନ,ପ୍ରଶାନ୍ତ କୁଅଁର ଓ ପି. ପଧାନ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ପଞ୍ଚାୟତରେ ବାଲ୍ୟବିବାହ ନିରାକରଣ ସଚେତନତା ରଥ ପରିକ୍ରମା କରିଥିଲା।

## ସଂକ୍ଷେପରେ

### କର୍ଲାମୁଣ୍ଡା ବ୍ଲକରେ ନୂତନ ବିଡିଓଙ୍କ ଯୋଗଦାନ



**କର୍ଲାମୁଣ୍ଡା,୨୧।୧୦(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଶୁକ୍ରବାର ନୂତନ ବିଡିଓ ଭାବେ ସୁଚରିତା ମୁଗ୍ରୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଏହା ପୂର୍ବରୁ ମ. ରାମପୁର ତହସିଲଦାର ଭାବେ କାର୍ଯ୍ୟରତ ଥିଲେ। ଦାୟିତ୍ୱ ଗ୍ରହଣ ସମୟରେ ଭାରପ୍ରାପ୍ତ ବିଡିଓ ସିଧେଶ୍ୱର ମେହେର, ବ୍ଲକ ଅଧକ୍ଷ୍ୟା କୁନି ସାହୁ, ଜିପିଇଓ ଯୁଗଳ କିଶୋର ନାଏକଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରକାଶଥାଉ କି ଏଠିକାର ବିଡିଓଙ୍କ ଅନ୍ୟତ୍ର ବଦଳି ହେବା ପରେ କେସିଙ୍ଗା ଏବିଡିଓ ମେହେରଙ୍କୁ ଭାରପ୍ରାପ୍ତ ବିଡିଓ ଭାବେ ଦାୟିତ୍ୱ ଦିଆଯାଇଥିଲା।

### ମୀନର୍ଭା ଜୁଏଲର୍ସରେ ଜିଏସ୍‌ଟି ବିଭାଗର ଚଢ଼ାଉ

**ବଲାଙ୍ଗୀର ଅଫିସ,୨୧।୧୦:** ବଲାଙ୍ଗୀର ସହରର ମୀନର୍ଭା ଜ୍ୱେଲର୍ସ ଦୋକାନରେ ଶୁକ୍ରବାର ଜିଏସ୍‌ଟି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହୋଇଥିବା ଏହି ଚଢ଼ାଉ ରାତି ୯ଟା ପର୍ଯ୍ୟନ୍ତ ଜାରି ରହିଥିବା ଜଣାପଡିଛି। ବଲାଙ୍ଗୀର ଓ ନୂଆପଡା ଜିଲା ଜିଏସ୍‌ଟି ବିଭାଗ ଅଧିକାରୀମାନେ ଏହି ଚଢ଼ାଉରେ ସାମିଲ ହୋଇଛନ୍ତି। ତେବେ ଜ୍ୱେଲର୍ସ ଭିତରେ କ'ଣ ସବୁ ଭେରିଫିକେସନ କରାଯାଇଛି ବିଭାଗ ପକ୍ଷରୁ ସୂଚନା ଦିଆଯାଇନାହିଁ। ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶରେ ଏହି ଚଢ଼ାଉ ଚାଲିଥିବା ଜଣାପଡିଛି।

### ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ

**ବଲାଙ୍ଗୀର ଅଫିସ,୨୧।୧୦:** ବଲାଙ୍ଗୀର ସହର ଟିଟିଲାଗଡ ରାସ୍ତାକଡରେ ଥିବା ଏକ ଘରୋଇ ବିବାହ ମଣ୍ଡପ ପରିସରରୁ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ମୃତ ବ୍ୟକ୍ତି ଜଣକ ତୁଷରା ରାଧାରାଣୀପଡାର ରୋଶନ ମାଝି ବୋଲି ଚିହ୍ନଟ କରାଯାଇଛି। ସେ ସେଠାରେ କାମ କରୁଥିଲେ। ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଏସଡିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି। ଏନେଇ ଏକ ମାମଲା ରୁଜୁ କରାଯାଇଛି।

### ୨୨ରୁ ଥାନାରେ ଜବତ ଗାଡି ନିଲାମ ପ୍ରକ୍ରିୟା ଆରମ୍ଭ

**ବଲାଙ୍ଗୀର ଅଫିସ,୨୧।୧୦:** ବିଭିନ୍ନ ମାମଲାରେ ବଲାଙ୍ଗୀର ସବ୍‌ଡିଭିଜନ ଅନ୍ତର୍ଗତ ବିଭିନ୍ନ ଥାନାରେ ଜବତ ହୋଇଥିବା ଗାଡିଗୁଡିକର ନିଲାମ ପ୍ରକ୍ରିୟା ଶନିବାର ଠାରୁ ଆରମ୍ଭ ହେବ। ଏନେଇ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ନାଏକ ଶୁକ୍ରବାର ସୂଚନା ଦେଇଛନ୍ତି। ବଲାଙ୍ଗୀର ଏସଡିଜେଏମ୍‌ଙ୍କ ନିର୍ଦ୍ଦେଶକ୍ରମେ ବଲାଙ୍ଗୀର ସବ୍‌ଡିଭିଜନର ବଲାଙ୍ଗୀର ଟାଉନ୍, ସଦର ଏବଂ ପୁଇଁତଲା ଥାନାରେ ଜବତ ହୋଇଥିବା ଗାଡିଗୁଡିକର ନିଲାମ ପ୍ରକ୍ରିୟା ଆସନ୍ତାକାଲି ଠାରୁ ଆରମ୍ଭ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏହି ତିନି ଥାନାରେ ୧୫୦ରୁ ଉର୍ଦ୍ଧ୍ୱ ଗାଡି ଜବତ ହୋଇ ପଡିରହିଛି। କେହି ଦାବିଦାର ନ ଥିବା ଏହି ଗାଡିଗୁଡିକୁ ନିଲାମ କରାଯିବ। ଆସନ୍ତା କାଲିଠାରୁ ବଲାଙ୍ଗୀର ରିଜର୍ଭ ପୋଲିସ ପଡିଆରେ ଏହି ନିଲାମ ପ୍ରକ୍ରିୟା ଆରମ୍ଭ କରାଯିବ। ହାଇକୋର୍ଟଙ୍କ ଏସଓପି ମୁତାବକ ଏହି ନିଲାମ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି। ଏହି ପ୍ରକ୍ରିୟା ଆରମ୍ଭ କରିବା ପାଇଁ ବଲାଙ୍ଗୀର ଜିଲା ଦୌରାଜଜ୍ ଏବଂ ଆରକ୍ଷୀ ଅଧୀକ୍ଷକ ନିତିନ କୁଶଲକରଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ସ୍ଥାନୀୟ ଏସଡିଜେଏମ୍ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ ମୁତାବକ ତିନି ଥାନାର ଜବତ ଗାଡି ତାଲିକା ପ୍ରସ୍ତୁତ କରାଯାଇଛି ବୋଲି ସେ କହିଥିଲେ। ଥାନାରେ ଜବତ ଗାଡିଗୁଡିକୁ ନିଲାମ କରାଯିବା ଘଟଣା ରାଜ୍ୟରେ ପ୍ରଥମ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଏକ ମାମଲାର ବିଚାର କରି ହାଇକୋର୍ଟ ଥାନାଗୁଡିକରେ ଜବତ ଗାଡିଗୁଡିକୁ ନିଲାମ କରିବା ଦିଗରେ ନିର୍ଦ୍ଦେଶ ଜାରି କରିଥିଲେ। ଏହି ନିର୍ଦ୍ଦେଶନାମାକୁ ନେଇ ଏହି ପ୍ରକ୍ରିୟା ଆରମ୍ଭ କରାଯାଇଛି ବୋଲି ପୋଲିସ ଅଧିକାରୀ ନାଏକ ସୂଚନା ଦେଇଛନ୍ତି।

## ସାର୍ଟିଫିକେଟ ପାଇବାରୁ ଛାତ୍ର ବଞ୍ଚିତ

ଲାଠୋର,୨୧।୧୦(ଡି.ଏନ.ଏ.)

- କଲେଜ କର୍ତ୍ତୃପକ୍ଷଙ୍କ ଅବହେଳା ଅଭିଯୋଗ
- ଚାକିରି ପାଇଁ ଆବେଦନ କରି ପାରୁନାହାନ୍ତି

ସମ୍ବଲପୁର ଜିଲା ହୀରାକୁଦ ସରକାରୀ ଆଇଟିଆଇ କଲେଜ କର୍ତ୍ତୃପକ୍ଷଙ୍କ ଅବହେଳା ହେତୁ ସୁବ୍ରତ ଜେନା ନାମକ ଜଣେ ଛାତ୍ର ତାଙ୍କ ସାର୍ଟିଫିକେଟ ପାଇ ପାରିନାହାନ୍ତି। ଏନେଇ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ମାଲପଡା ଗ୍ରାମର ଗଜମଣି ବାଗ ନାମକ ଜଣେ ଶିକ୍ଷକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମୋ ସରକାର ୫-ଟି, ଚିଫ୍ ସେକ୍ରେଟାରୀ ତଥା ସମ୍ବଲପୁର ଜିଲାପାଳଙ୍କୁ ଟ୍ୱିଟର ଯୋଗେ ଅଭିଯୋଗ କରିଥିବା ନେଇ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ବାଲେଶ୍ୱର ଜିଲାର ଛାତ୍ର ସୁବ୍ରତ ହୀରାକୁଦ ଆଇଟିଆଇ କଲେଜରେ ଗତ ୨୦୧୯-୨୦ ଶିକ୍ଷାବର୍ଷରେ ଇଲେକ୍ଟ୍ରିସିଆନ ଟ୍ରେଡ଼ରେ ୮ ହଜାର ଟଙ୍କା ଦେଇ ଆଡ଼ମିଶନ କରିଥିଲେ। ନିଜ ସୁବିଧା ଦୃଷ୍ଟିରୁ ସେ କିଛି ଦିନ ପରେ ଉକ୍ତ କଲେଜରୁ ବାଲେଶ୍ୱର କଲେଜକୁ ସ୍ଥାନାନ୍ତର ହୋଇ ସେଠାରେ ପାଠ ପଢି ୨୦୨୧ରେ ୯୧.୩୫ ପ୍ରତିଶତ ମାର୍କ ରଖି ପାସ୍ କରିଛନ୍ତି। ସରକାରୀ ନିୟମ ମୁତାବକ ହୀରାକୁଦ କଲେଜ କର୍ତ୍ତୃପକ୍ଷ ନାମଲେଖା ଫି ବାବଦରେ ଛାତ୍ର ଦେଇଥିବା ୮ ହଜାର ଟଙ୍କା ବାଲେଶ୍ୱର ଆଇଟିଆଇ କଲେଜକୁ ପଠାଇବା କଥା। ହେଲେ ଛାତ୍ରଙ୍କ ଅଭିଭାବକ ,ବାଲେଶ୍ୱର କଲେଜ ଅଧକ୍ଷ ବାରମ୍ବାର ମୌଖିକ ଓ ଲିଖିତ ଅନୁରୋଧ କରିଥିଲେ ମଧ୍ୟ ହୀରାକୁଦ କଲେଜ କର୍ତ୍ତୃପକ୍ଷ ଏହି ଅର୍ଥ ରାଶି ପ୍ରଦାନ ନ କରି ଛାତ୍ରଙ୍କୁ ହଇରାଣ କରୁଛନ୍ତି। ଅପରପକ୍ଷରେ ଛାତ୍ରଙ୍କ ଠାରୁ ବାଲେଶ୍ୱର ଆଇଟିଆଇ କଲେଜ କର୍ତ୍ତୃପକ୍ଷ ଫି ପାଇ ନ ଥିବାରୁ ସାର୍ଟିଫିକେଟ ପ୍ରଦାନ କରୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ଛାତ୍ର ଜଣକ କୌଣସି ଚାକିରି ପାଇଁ ଆବେଦନ କରିପାରୁ ନାହାନ୍ତି। ଏନେଇ ହୀରାକୁଦ କଲେଜ ଅଧକ୍ଷଙ୍କୁ ବାରମ୍ବାର ଫୋନ କରାଯାଇଥିଲେ ହେଁ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

## ଦୋଷୀ ସାବ୍ୟସ୍ତ ହେଲେ ପୂର୍ବତନ କିରାଣି: ୨ ବର୍ଷ ସଶ୍ରମ କାରାଦଣ୍ଡାଦେଶ

- ସରକାରୀ ଅର୍ଥ ତୋଷାରପାତ ମାମଲା
- ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଜଜ୍ କଲେ ଶୁଣାଣି

ବଲାଙ୍ଗୀର ଅଫିସ,୨୧।୧୦

ବଲାଙ୍ଗୀର ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍ ଶନିବାର ଏକ ସରକାରୀ ଅର୍ଥ ତୋଷାରପାତ ମାମଲାର ବିଚାର କରି ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ପୂର୍ବତନ କିରାଣି ତଥା କ୍ୟାସିୟର ଅନନ୍ତ ପ୍ରସାଦ ବାଗଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୨୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରୀ ରେକର୍ଡପତ୍ର ଜାଲିଆତି କରି ପୂର୍ବତନ କିରାଣି ତଥା କ୍ୟାସିୟର ବାଗ ପ୍ରାୟ ୩ ଲକ୍ଷ ଟଙ୍କା ସରକାରୀ ତହବିଲରୁ ଉଠାଇ ନେଇଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ଭିଜିଲାନ୍ସ ବିଭାଗ ତତ୍କାଳୀନ କିରାଣି ବାଗଙ୍କ ବିରୋଧରେ ମାମଲା (୨୪/୨୦୦୪) ରୁଜୁ କରିଥିଲେ। ତାଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ-୧୯୮୮ର ଧାରା ୧୩ (୨), ୧୩ (୧), (ସି) ଓ (ଡି), ଆଇପିସି ଧାରା ୪୦୯, ୪୬୮ ଓ ୪୭୭(ଏ)ରେ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାର ବିଚାର କରି ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍ ୨ ବର୍ଷ ସଶ୍ରମ କାରାଦଣ୍ଡ ଓ ତିନୋଟି ଭିନ୍ନ ମାମଲାରେ ୨୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଏହି ମାମଲାକୁ କୋର୍ଟରେ ଆଇନଜୀବୀ ଜୟକୃଷ୍ଣ ସାହୁ ପରିଚାଳନା କରିଥିଲେ। ଭିଜିଲାନ୍ସ ଡିଏସ୍‌ପି ଅଭିରାମ କରି ମାମଲାର ତଦନ୍ତ କରିଥିଲେ।

## ସୁନା ଦୋକାନରେ ଜିଏସଟି ବିଭାଗର ଚଢ଼ାଉ



ଜିଏସଟି ବିଭାଗର ଚଢ଼ାଉ କରାଯାଉଛି।

ଭବାନୀପାଟଣା,୨୧।୧୦(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜିଏସଟି ବିଭାଗ ପକ୍ଷରୁ ଶୁକ୍ରବାର ଭବାନୀପାଟଣା ସହରର ଗାନ୍ଧୀ ଛକରେ ଥିବା ଲକ୍ଷ୍ମୀପ୍ରିୟା ସୁନା ଦୋକାନରେ ଚଢ଼ାଉ କରାଯାଇଛି। ରାଜ୍ୟ ଜିଏସଟି ବିଭାଗ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଜିଲା ଜିଏସଟି ବିଭାଗର ଦୁଇଟି ଟିମ ଏହି ଚଢ଼ାଉରେ ସାମିଲ ହୋଇଥିବା ବେଳେ ଲକ୍ଷ୍ମୀପ୍ରିୟ ସୁନା ଦୋକାନ ସମେତ ଦୋକାନ ମାଲିକ ୟୋଗେଶ ଜୈନଙ୍କ ଘରେ ମଧ୍ୟ ଜିଏସଟି ବିଭାଗ ଏକକାଳୀନ ଚଢ଼ାଉ ଜାରି ରହିଛି। ଜିଏସଟି ଫାଙ୍କୁ ଥିବା ଏପରିକି ଆଗକୁ ଧନତେରସ ଥିବାରୁ ଷ୍ଟକ ରିପୋର୍ଟ, ସେଲ୍ସ ରିପୋର୍ଟ, ଜିଏସଟି ରେକର୍ଡ ଆଦି ଯାଞ୍ଚ କରୁଛି ଜିଏସଟି ବିଭାଗ। ସୁନା ବ୍ୟବସାୟରେ ଜିଏସଟି ଫାଙ୍କିଥିବା ସନ୍ଦେହ କରି ଲକ୍ଷ୍ମୀପ୍ରିୟା ସୁନା ଦୋକାନରେ ଚଢାଉ କରାଯାଇଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ଆଗକୁ ଧନତେରସ ଓ ଦୀପାବଳୀ ପର୍ବ ରହିଛି। ଏହି ସମୟରେ ଲକ୍ଷ ଲକ୍ଷ ଟଙ୍କାର ସୁନା ରୂପା କାରବାର ଏହି ଲକ୍ଷ୍ମୀପ୍ରିୟା ସୁନା ଦୋକାନରେ ହୋଇଥାଏ। ତେଣୁ ସୁନା ରୂପା କିଣାବିକାର ପ୍ରତ୍ୟେକ ବିଲ ତନଖି ଦେଖିବା ସହ ଦୋକାନରେ ଗଚ୍ଛିତ ସୁନା ରୂପାର ଠିକ ଆକଳନ ପରେ କେତେ ଟଙ୍କାର ଜିଏସଟି ଠକେଇ ହୋଇଛି ଅଥବା ହୋଇନାହିଁ ତାହା ସ୍ପଷ୍ଟ ହୋଇପାରିବ ବୋଲି ବିଭାଗୀୟ ଅଧିକାରୀଙ୍କ ପ୍ରକାଶ କରିଛନ୍ତି।

## ରାସ୍ତା ସମସ୍ୟା ନେଇ ବିଡିଓଙ୍କୁ ଦାବିପତ୍ର




ଗ୍ରାମବାସୀ ଦାବିପତ୍ର ପ୍ରଦାନ କରୁଛନ୍ତି।

ମୁରିବାହାଲ,୨୧।୧୦(ଡି.ଏନ.ଏ)

ବଲାଙ୍ଗୀର ଜିଲା ମୁରିବାହାଲ ଗ୍ରାମ ପଞ୍ଚାୟତ ଅଧୀନ ବନବାହାଲ ଗ୍ରାମର ରାସ୍ତା ସମସ୍ୟା ନେଇ ଗ୍ରାମବାସୀଙ୍କ ପକ୍ଷରୁ ଶୁକ୍ରବାର ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।

ପ୍ରକାଶ ଯେ, ମୁରିବାହାଲ ବ୍ଲକ ମୁଖ୍ୟ କାର୍ଯ୍ୟାଳୟଠାରୁ ମାତ୍ର ୨ କିଲୋମିଟର ଦୂରରେ ବନବାହାଲ ଗ୍ରାମ ଅବସ୍ଥିତ । ୧ ୱାର୍ଡ ବିଶିଷ୍ଟ ଏହି ଗ୍ରାମର ଲୋକସଂଖ୍ୟା ପ୍ରାୟ ୮୦୦ ହେବ। ସ୍ୱାଧୀନତାର ୭୫ ବର୍ଷ ପରେ ବି ଆଜି ପର୍ଯ୍ୟନ୍ତ ଗ୍ରାମକୁ ପକ୍କା ରାସ୍ତା ନାହିଁ। ଫଳରେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ଗ୍ରାମ ଦେଇ ଡଙ୍ଗରପଡା, ତେନ୍ତୁଲିଖୁଣ୍ଟି, କର୍ଲପିଟା,ଡ଼ାଡ଼ିଆପଦର ପ୍ରଭୃତି ଗ୍ରାମର ଜନସାଧାରଣ ଯାତାୟାତ ପାଇଁ ନିର୍ଭର କରିଥାନ୍ତି। ହେଲେ ପକ୍କା ରାସ୍ତା ନ ଥିବାରୁ ସମସ୍ୟା ହେଉଛି। ଏହି ରାସ୍ତା ଦେଇ ସ୍କୁଲ, କଲେଜ, ଡାକ୍ତରଖାନା, ଦୋକାନବଜାର ତଥା ବିଭିନ୍ନ କାର୍ଯ୍ୟ ପାଇଁ ଲୋକେ ଯାତାୟତ କରିଥାନ୍ତି। ରାସ୍ତା ଖରାପ ଯୋଗୁ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ଗ୍ରାମବାସୀ ଜଣାଇଛନ୍ତି। ଗ୍ରାମର ସାମାଜିକ କର୍ମୀ ଭରତ ଦାଶ କରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁରିବାହାଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣାନନ୍ଦ ପଟେଲଙ୍କୁ ରାସ୍ତା ସମସ୍ୟା ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହାର ତଦନ୍ତ କରି ବିହିତ ପଦକ୍ଷେପ ନିଆଯିବ ବୋଲି ବିଡିଓ ଗ୍ରାମବାସୀଙ୍କୁ ଜଣାଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଲକ୍ଷ୍ମୀ ଧରୁଆ,ସୁରେଶ ଧରୁଆ,ସୁଧୀର ବେହେରା,ଶ୍ରୀଧର ଧରୁଆ,ଗୁପ୍ତେଶର ଧରୁଆ,ମଧୁସୂଦନ ଧରିଆ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ଷୁଦ୍ର ଶସ୍ୟ ଉତ୍ପାଦନ ତାଲିମ ଶିବିର

ଟିଟିଲାଗଡ଼,୨୧।୧୦(ଡି.ଏନ.ଏ.)

ଟିଟିଲାଗଡ଼ ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର କାର୍ଯ୍ୟାଳୟ ପରିସରରେ କ୍ଷୁଦ୍ର ଶସ୍ୟ ଉତ୍ପାଦନ ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ଼ ବ୍ଲକ ଅଧକ୍ଷା ସଂଯୁକ୍ତା ନାଏକ ମୁଖ୍ୟଅତିଥି ଭାବରେ ଯୋଗଦେଇ ଶିବିର ଉଦଘାଟନ କରିଥିଲେ। ଏହି ଶିବିରରେ ମିଲେଟ ଜାତୀୟ କ୍ଷୁଦ୍ର ଶସ୍ୟ ଯଥା ମାଣ୍ଡିଆ, ଗୁରୁଜି ଆଦି ଚାଷ କରାଯାଇ କିଭଳି ଅଧିକ ଅର୍ଥ ଉପାର୍ଜନ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଶସ୍ୟ ଗୁଡିକର ମଞ୍ଜି ବା ବିହନ ରୋପଣ, ଔଷଧୀୟ ବ୍ୟବହାର ସହ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏହାର ଉପକାରିତା ନେଇ ଆଲୋଚନା ହୋଇଥିଲା। ଟିଟିଲାଗଡ଼ ତହସିଲଦାର ପ୍ରେମଲାଲ ହିଆଲ, ଆତ୍ମା ଅଧକ୍ଷ ମନୋଜ ପାଢ଼ୀ, ଆଶା ସଂଯୋଜକ ସଞ୍ଜୀବ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟା ଗୀତା ବିଶି, ସଞ୍ଜୟ ବେହେରା, କୃଷି ଜିଲା ଅଧିକାରୀ ବିଶେଶ୍ୱର ସାହୁ, ବ୍ଲକ କୃଷି ଅଧିକାରୀ ଲାଲ ବିହାରୀ ପ୍ରମୁଖ ଯୋଗ ଦେଇ ସରକାରଙ୍କ ଏହି ଯୋଜନା ନେଇ ସଚେତନ କରିବା ସହ ତାଲିମ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଏଓ ଭାସୱତୀ, ଏଟିଏମ ମଇତ୍ର ଭୋଇ, କୃଷ୍ଣଚନ୍ଦ୍ର ମେସୱା, ମିଲେଟ ମିଶନ ସହକାରୀ ସଂଯୋଜକ ପ୍ରଜ୍ଞାସିନୀ ବେହେରା, ପୂର୍ବତନ ଆତ୍ମା ଅଧକ୍ଷା ପୁଷ୍ପାଞ୍ଜଳୀ ପାଢ଼ୀ ସହଯୋଗ କରିଥିଲେ।

## ନୂତନ ରେଳ ଲାଇନ, କୋଠା ଉଦ୍‌ଘାଟିତ

ଲାଞ୍ଜିଗଡ,୨୧।୧୦(ଡି.ଏନ.ଏ.)

- ଜୁନାଗଡ଼-ଭୁବନେଶ୍ୱର ଏକ୍ସପ୍ରେସ ରହଣି ଦାବି
- ଲାଞ୍ଜିଗଡ଼ରୋଡ଼ ରେଳ ଜଙ୍କସନ

ସମ୍ବଲପୁର ରେଳମଣ୍ଡଳ ଅଧୀନ ସମ୍ବଲପୁର-ରାୟଗଡ଼ା ରେଳପଥର ଲାଞ୍ଜିଗଡ଼ରୋଡ଼ ରେଳ ଜଙ୍କଶନଠାରେ ବହୁ ପ୍ରତୀକ୍ଷିତ ତୃତୀୟ ରେଳ ଲାଇନ ଓ ନୂତନ କୋଠା ରେଳ ବିଭାଗ ପଦସ୍ଥ ଅଧିକାରୀମାନଙ୍କ ଦ୍ୱାରା ଶୁକ୍ରବାର ଉଦଘାଟିତ ହୋଇଯାଇଛି। ରେଳ ବିଭାଗ ପକ୍ଷରୁ ସିଆର୍ ଏସଏମ ଚୌଧୁରୀ ଓ ସମ୍ବଲପୁର ଡିଆରଏମ ବିନୀତ ସିଂହ ଲାଞ୍ଜିଗଡ଼ରୋଡ଼ ଗସ୍ତ କରି ନବନିର୍ମିତ ତୃତୀୟ ଲାଇନ ଓ ଷ୍ଟେଶନ ପରିସରରେ ନିର୍ମିତ କୋଠା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଲାଞ୍ଜିଗଡ଼ରୋଡ଼ ରେଳ ଷ୍ଟେଶନରେ ଜୁନାଗଡ଼-ଭୁବନେଶ୍ୱର ଏକ୍ସପ୍ରେସ ଟ୍ରେନ୍ ରହଣି ସହିତ ଏକ ରେଲୱେ ହସ୍ପିଟାଲ ଖୋଲିବାକୁ ସ୍ଥାନୀୟ ଲୋକେ ଦାବି କରିଥିଲେ। ଲାଞ୍ଜିଗଡ଼ରୋଡ଼ ସରପଞ୍ଚ ସୁଶ୍ରୀ ମମତା ଶବର, ସମିତି ସଭ୍ୟା ମୁକ୍ତା ଭୋଇ, ପୂର୍ବତନ ସରପଞ୍ଚ ଟଙ୍କଧର ମାଝି, ସୂର୍ଯ୍ୟକାନ୍ତି ମାଝି, ପୂର୍ବତନ ସମିତିସଭ୍ୟା କୌନୁଜ ରାଉତ, ଟି. ଆପ୍ପା ରାଜୁ, ଚନ୍ଦ୍ରଶେଖର ମହାପାତ୍ର, କେଶବଚନ୍ଦ୍ର ବାରିକ, ଅଭିମନ୍ୟୁ ପାତ୍ର, ପୂର୍ଣ୍ଣଚନ୍ଦ୍ର ଗଡ଼ଡ଼, ପ୍ରଣବ କୁମାର ରାଉତ, କେ. ବୈକୁଣ୍ଠ ରାଜୁ, ୱାର୍ଡ ସଭ୍ୟସଭ୍ୟା ବିନ୍ଦୁ ଶିଖା, ମମି ମାଝିଙ୍କ ସମେତ ଅଞ୍ଚଳର ବହୁତ ପୁରୁଷ ଓ ମହିଳା ପ୍ରମୁଖ ଉପସ୍ଥିତ ରହିଥିଲେ।

## ଶିଶୁ ମହୋତ୍ସବ ସୁରଭି ଉଦ୍‌ଘାଟିତ

**ଖଡ଼ିଆଲ,୨୧।୧୦(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଲସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଆଞ୍ଚଳିକ ସାଧନା କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବରେ ମୁଖ୍ୟଅତିଥି ରୂପେ ଖଡ଼ିଆଳ ବିଡିଓ ନାରାୟଣ ସାହୁ ଯୋଗଦେଇ ଶିଶୁଙ୍କ ଅନ୍ତର୍ନିହିତ ଗୁଣ ବିକାଶ ହେବାରେ ସହାୟକ ହେବ ବୋଲି ପ୍ରକାଶ କରିଛନ୍ତି। ସଭାରେ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣୀ ଯୋଶୀ ଅଧକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ରୂପେ ରାଜରାଣୀ ପଟ୍ଟନାୟକ, ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରମୋଦ ନାଥ ପତି, ସିଆରସିସି ପ୍ରଶାନ୍ତ କୁମାର ପଣ୍ଡା ଏବଂ ସ୍କୁଲ ପରିଚାଳନା କମିଟି ସଭାପତି ନରୋତ୍ତମ ସିଂ ଠାକୁର ପ୍ରମୁଖ ଯୋଗଦେଇଥିଲେ। ୨ଟି ପର୍ଯ୍ୟାୟରେ ଶିଶୁ କଳାକାର ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ଅବ୍ୟବସ୍ଥାରେ ସରିଲା ବ୍ଲକସ୍ତରୀୟ କଳାକାର ଚୟନ

ଲୋଇସିଂହା,୨୧।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ମୁଖ୍ୟମନ୍ତ୍ରୀ ସହାୟତା କଳାକାର ଚୟନ ୨୦୨୧-୨୨ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ପ୍ରଶାସନ ଆନୁକୁଲ୍ୟରେ ଏବଂ ବ୍ଲକ କଳାକାର ସଂଘର ସହାୟତାରେ କଳାକାର ଚୟନ ହୋଇଥିଲା। ବ୍ଲକର ଦୂରଦୂରାନ୍ତରୁ ପୁରୁଖା କଳାକାରମାନେ ଆସିଥିଲେ। ହେଲେ କଳାକାର ଚୟନ ଶିବିରରେ ବହୁ ଅବ୍ୟବସ୍ଥା ପରିଲକ୍ଷିତ ହୋଇଥିଲା। ସଙ୍କୁଚିତ ସ୍ଥାନରେ କଳାକାର ଚୟନ କରାଯାଇ ଥିବା ବେଳେ ପ୍ରଦର୍ଶନ ପାଇଁ ସ୍ୱଳ୍ପ ସମୟ ଦିଆଯାଇଥିବାରୁ କଳାକାରମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ସୂଚନା ଅନୁଯାୟୀ,୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ବ୍ଲକର ୪୩୭ ଜଣ କଳାକାର ଆବେଦନ କରିଥିଲେ। ବିଳମ୍ବରେ ଆବେଦନ ଏବଂ କାଗଜପତ୍ର ଠିକଠାକ ନ ଥିବାରୁ ୯୦ ଜଣ ଆବେଦନକାରୀଙ୍କ ଫର୍ମ ନାକଚ ହୋଇଥିଲା । ୩୯୫ ଜଣ ଆବେଦନକାରୀଙ୍କ ଫର୍ମ କାଏମ ରହିଥିଲା। ହେଲେ ଶୁକ୍ରବାର କଳାକାର ଚୟନ ଶିବିରରେ ବ୍ଲକର ୨୯୦ ଜଣ କଳାକାର ଅଂଶଗ୍ରହଣ କରି ଲୋକଗୀତ,ସଂକୀର୍ତ୍ତନ୍ୟ ,ଦଣ୍ଡ ଆଦି ପ୍ରଦର୍ଶନ କରିଥିଲେ।ବ୍ଲକ କଳାକାର ସଂଘର ଶଙ୍କର ବେହେରା,ଡ଼ନ୍ଟୁ ଖାନ,ସରୋଜ ବିଶ୍ୱାଳ,ଦେବେନ୍ଦ୍ର ମିସ୍ତ୍ରୀ,ସତ୍ୟ ନାରାୟଣ ଦାସ, ଗୌରୀଶଙ୍କର ବେଜ ପ୍ରମୁଖ ବିଚାରକ ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ପାଇଁ ଯୋଗ୍ୟ କଳାକାର ଚୟନ କରିଥିଲେ। ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ ଆଶା ପଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନାରେ ଶିବିର ଅନୁଷ୍ଠିତ ହୋଇଥିଲା। ବିଡିଓ ଆକାଶରଞ୍ଜନ ସାହୁ ମୁଖ୍ୟଅତିଥି ଓ ଏବିଡିଓ ବିଜୟ କୁମାର ହୋତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚୟନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ କଳାକାରଙ୍କ ପାଇଁ ଖାଦ୍ୟ, ପାନୀୟର କୌଣସି ବ୍ୟବସ୍ଥା ହୋଇ ନ ଥିବାରୁ ବ୍ଲକ କଳାକାର ସଂଘ କ୍ଷୋଭ ପ୍ରକାଶ କରିଛି ।

**ଶହୀଦ୍ ଦିବସ ପାଳିତ**

ବୋଡେନ,(ଡି.ଏନ.ଏ.): ନୂଆପଡା ଜିଲା ବୋଡେନ ଥାନା ପୋଲିସ ପକ୍ଷରୁ ଶହୀଦ ଦିବସ ପାଳିତ ହୋଇଯାଇଛି। ଥାନା ଭାରପ୍ରାପ୍ତ ଅଧିକାରୀ ସୁଦର୍ଶନ ନାଏକଙ୍କ ତତ୍ତ୍ୱାବଧାନରେ ଶହୀଦ୍ ଦେବେନ୍ଦ୍ର ଧରୁଆଙ୍କ ପୈତୃକ ଗ୍ରାମ ରାଜପୁରଠାରେ ସ୍ଥାପିତ ଶହୀଦ ସ୍ମୃତିପୀଠ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବୋଡେନ ଥାନା ସମସ୍ତ କର୍ମଚାରୀଙ୍କ ସହ ଶହୀଦ୍‌ଙ୍କ ପରିବାର ଓ ଗ୍ରାମବାସୀ ଉପସ୍ଥିତ ରହି ଶହୀଦ୍ ଦେବେନ୍ଦ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ସଂକ୍ଷେପରେ

### ମହିଳା ହକି ଖେଳାଳି ଚୟନ

ଉଲୁଣ୍ଡା,୨୧।୧୦(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଦକ୍ଷିଣୀପାଲି ଖେଳପଡିଆ ଠାରେ ମହିଳା ହକି ଖେଳାଳି ଚୟନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ଆବୋଲି ସୁନିଲ ନରୱାଣେ ଏବଂ ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାସ ଯୋଗ ଦେଇଥିଲେ। ଆସନ୍ତା ୨୭ ତାରିଖ ଦିନ ଭୁବନେଶ୍ୱରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ବରିଷ୍ଠ ବର୍ଗରୁ ୧୬ ଏବଂ କନିଷ୍ଠ ବର୍ଗରୁ ୧୬ ଜଣ ମହିଳା ହକି ଖେଳାଳିଙ୍କୁ ଚୟନ କରାଯାଇଥିଲା। ଏହି ଅବସରରେ ସମସ୍ତ ଖେଳାଳିଙ୍କୁ ଖେଳ ସାମଗ୍ରୀ ଯୋଗାଇ ଦେବା ପାଇଁ ଦାବି ହୋଇଥିଲା। ଆବଶ୍ୟକ ସାମଗ୍ରୀ ଯୋଗାଇ ଦେବା ପାଇଁ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡା ଅଧିକାରୀ ଅଭିଲାଷ ପୁରୋହିତ, ଶେଖର ଚନ୍ଦ୍ର ବେହେରା, ଜିଲା ହକି ସଂଘର ସଭ୍ୟ ରାମକୁମାର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

### ମୀନର୍ଭା ଜୁଏଲର୍ସରେ ଜିଏସ୍‌ଟି ବିଭାଗର ଚଢ଼ାଉ

ବଲାଙ୍ଗୀର ଅଫିସ,୨୧।୧୦: ବଲାଙ୍ଗୀର ସହରର ମୀନର୍ଭା ଜ୍ୱେଲର୍ସ ଦୋକାନରେ ଶୁକ୍ରବାର ଜିଏସ୍‌ଟି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହୋଇଥିବା ଏହି ଚଢ଼ାଉ ରାତି ୯ଟା ପର୍ଯ୍ୟନ୍ତ ଜାରି ରହିଥିବା ଜଣାପଡିଛି। ବଲାଙ୍ଗୀର ଓ ନୂଆପଡା ଜିଲା ଜିଏସ୍‌ଟି ବିଭାଗ ଅଧିକାରୀମାନେ ଏହି ଚଢ଼ାଉରେ ସାମିଲ ହୋଇଛନ୍ତି। ତେବେ ଜ୍ୱେଲର୍ସ ଭିତରେ କ'ଣ ସବୁ ଭେରିଫିକେଶନ କରାଯାଇଛି ବିଭାଗ ପକ୍ଷରୁ ସୂଚନା ଦିଆଯାଇନାହିଁ। ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶରେ ଏହି ଚଢ଼ାଉ ଚାଲିଥିବା ଜଣାପଡିଛି।

### ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ

ବଲାଙ୍ଗୀର ଅଫିସ,୨୧।୧୦: ବଲାଙ୍ଗୀର ସହର ଟିଟିଲାଗଡ ରାସ୍ତାକଡରେ ଥିବା ଏକ ଘରୋଇ ବିବାହ ମଣ୍ଡପ ପରିସରରୁ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ମୃତ ବ୍ୟକ୍ତି ଜଣକ ଡୁଷରା ରାଧାରାଣୀପଡାର ରୋଶନ ମାଝି ବୋଲି ଚିହ୍ନଟ କରାଯାଇଛି। ସେ ସେଠାରେ କାମ କରୁଥିଲେ। ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଏସଡିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି। ଏନେଇ ଏକ ମାମଲା ରୁଜୁ କରାଯାଇଛି।

### ୨୨ରୁ ଥାନାରେ ଜବତ ଗାଡି ନିଲାମ ପ୍ରକ୍ରିୟା ଆରମ୍ଭ

ବଲାଙ୍ଗୀର ଅଫିସ,୨୧।୧୦: ବିଭିନ୍ନ ମାମଲାରେ ବଲାଙ୍ଗୀର ସବ୍‌ଡିଭିଜନ ଅନ୍ତର୍ଗତ ବିଭିନ୍ନ ଥାନାରେ ଜବତ ହୋଇଥିବା ଗାଡିଗୁଡିକର ନିଲାମ ପ୍ରକ୍ରିୟା ଶନିବାର ଠାରୁ ଆରମ୍ଭ ହେବ। ଏନେଇ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ନାଏକ ଶୁକ୍ରବାର ସୂଚନା ଦେଇଛନ୍ତି। ବଲାଙ୍ଗୀର ଏସଡିଜେଏମ୍‌ଙ୍କ ନିର୍ଦ୍ଦେଶକ୍ରମେ ବଲାଙ୍ଗୀର ସବ୍‌ଡିଭିଜନର ବଲାଙ୍ଗୀର ଟାଉନ୍, ସଦର ଏବଂ ପୁଇଁତଲା ଥାନାରେ ଜବତ ହୋଇଥିବା ଗାଡିଗୁଡିକର ନିଲାମ ପ୍ରକ୍ରିୟା ଆସନ୍ତାକାଲି ଠାରୁ ଆରମ୍ଭ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏହି ତିନି ଥାନାରେ ୧୫୦ରୁ ଊର୍ଦ୍ଧ୍ୱ ଗାଡି ଜବତ ହୋଇ ପଡିରହିଛି। କେହି ଦାବିଦାର ନ ଥିବା ଏହି ଗାଡିଗୁଡିକୁ ନିଲାମ କରାଯିବ। ଆସନ୍ତା କାଲିଠାରୁ ବଲାଙ୍ଗୀର ରିଜର୍ଭ ପୋଲିସ ପଡିଆରେ ଏହି ନିଲାମ ପ୍ରକ୍ରିୟା ଆରମ୍ଭ କରାଯିବ। ହାଇକୋର୍ଟଙ୍କ ଏସଓପି ମୁତାବକ ଏହି ନିଲାମ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି। ଏହି ପ୍ରକ୍ରିୟା ଆରମ୍ଭ କରିବା ପାଇଁ ବଲାଙ୍ଗୀର ଜିଲା ଦୌରାଜଜ୍ ଏବଂ ଆରକ୍ଷୀ ଅଧୀକ୍ଷକ ନିତିନ କୁଶଲକରଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ସ୍ଥାନୀୟ ଏସଡିଜେଏମ୍ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ ମୁତାବକ ତିନି ଥାନାର ଜବତ ଗାଡି ତାଲିକା ପ୍ରସ୍ତୁତ କରାଯାଇଛି ବୋଲି ସେ କହିଥିଲେ। ଥାନାରେ ଜବତ ଗାଡିଗୁଡିକୁ ନିଲାମ କରାଯିବା ଘଟଣା ରାଜ୍ୟରେ ପ୍ରଥମ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଏକ ମାମଲାର ବିଚାର କରି ହାଇକୋର୍ଟ ଥାନାଗୁଡିକରେ ଜବତ ଗାଡିଗୁଡିକୁ ନିଲାମ କରିବା ଦିଗରେ ନିର୍ଦ୍ଦେଶ ଜାରି କରିଥିଲେ। ଏହି ନିର୍ଦ୍ଦେଶନାମାକୁ ନେଇ ଏହି ପ୍ରକ୍ରିୟା ଆରମ୍ଭ କରାଯାଇଛି ବୋଲି ପୋଲିସ ଅଧିକାରୀ ନାଏକ ସୂଚନା ଦେଇଛନ୍ତି।

# ୬.୪୫ କୋଟି ବ୍ୟୟରେ ସୁବର୍ଣ୍ଣପୁରରେ ପ୍ରତିଷ୍ଠା ହେବ ହସ୍ତତନ୍ତ ମଲ୍

## ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

ସୋନପୁର,୨୧।୧୦(ନି. ପ୍ର)

ସୁବର୍ଣ୍ଣପୁର ଜିଲାର ବୁଣାକାରଙ୍କ ପାଇଁ ଖୁସି ଖବର। ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ଶାଢୀର ବିକ୍ରି ବଟା ପାଇଁ ୫୭ ନଂ ଜାତୀୟ ରାଜପଥ ପାର୍ଶ୍ୱ ସୋନପୁର ସହର ଉପକଣ୍ଠ ଝିଙ୍କିଠାରେ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରେ ପ୍ରତିଷ୍ଠା ହେବ ହସ୍ତତନ୍ତ ମଲ୍। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭିଡିଓ କନଫରେନ୍ସିଂ ଜରିଆରେ ହସ୍ତ ତନ୍ତ ମଲ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲା ଓସୱାନ କେନ୍ଦ୍ରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ଜିଲାପାଳ ଅବୋଲୀ ସୁନିଲ ନରୱଣେ,ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ନିଶି ପୁନମ ମିଞ୍ଜ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ନିହାର ରଞ୍ଜନ କହଁର, ପୌରପରିଷଦ ଅଧ୍ୟକ୍ଷା ତାମସୀ ତାମସ୍ୱିତା ନାଏକ, ଉପଜିଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଅଧୀକ୍ଷଣ ଯନ୍ତ୍ରୀ କୋଠାବାଡ଼ି ଦାମୋଦର କୈବର୍ତ୍ତ, ପଶ୍ଚିମ ଓଡିଶା



ହସ୍ତତନ୍ତ ମଲ୍ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ସୋନପୁରରେ ଉପସ୍ଥିତ ବିଧାୟକ, ଜିଲା ପରିଷଦ ଅଧ୍ୟକ୍ଷା ଓ ଜିଲାପାଳ ଉପସ୍ଥିତ ଅଛନ୍ତି।

ବିକାଶ ପରିଷଦର ଜିଲା କାର୍ଯ୍ୟ ନିର୍ବାହୀ ଅଧିକାରୀ ଚତୁର୍ଭୁଜ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ପରେ ସୁବର୍ଣ୍ଣପୁର ଜିଲାପାଳ ଶ୍ରୀମତୀ ନରୱଣେ ଏକ ଖବରଦାତା ସମ୍ମିଳନୀରେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲାପାଳ କହିଥିଲେ ଯେ, ସୁବର୍ଣ୍ଣପୁର ଜିଲା ହସ୍ତତନ୍ତ ଓ ହସ୍ତ ଶିଳ୍ପ କାରୁକାର୍ଯ୍ୟ ପାଇଁ ଦେଶ ବିଦେଶରେ ପ୍ରସିଦ୍ଧି ଲାଭ କରିଛି। ବୁଣାକାର ଓ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ବସ୍ତ୍ରର ବହୁଳ ବିକ୍ରୟ ତଥା ସେମାନଙ୍କ ଅର୍ଥନୈତିକ ବିକାଶ ଉଦ୍ଦେଶ୍ୟରେ ୬ କୋଟି ୪୫ ଲକ୍ଷ ବ୍ୟୟରେ ହସ୍ତ ତନ୍ତ ମଲ୍ ନିର୍ମାଣ ହେବ। ଆସନ୍ତା ୨ ବର୍ଷ ମଧ୍ୟରେ ଏହି କାର୍ଯ୍ୟ ସରିବ। ସେହିପରି ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦ ତରଫରୁ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ଉନ୍ନତି ପାଇଁ ଅର୍ଥ ମଞ୍ଜୁର ହୋଇଛି। ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟର ଗୃହ ନିର୍ମାଣ ପାଇଁ ପରିଷଦ ତରଫରୁ ୪ କୋଟି ଟଙ୍କା ମଞ୍ଜୁର ହୋଇଛି। ହସ୍ତତନ୍ତ୍ର ମଲ୍ ପାର୍ଶ୍ୱରେ ମିଶନ ଶକ୍ତି ଦ୍ୱାରା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ କଫେଟେରିଆର ନିର୍ମାଣ ପାଇଁ ଆର୍ଥିକ ଅନୁଦାନ ଦିଆଯାଇଛି। ସେହିପରି ଡୁଙ୍ଗୁରିପାଲି ବ୍ଲକର ରାମପୁରଠାରେ ବିଜୁ ଗ୍ରାମୀଣ ବଜାର ପାଇଁ ୫୫ ଲକ୍ଷ ଟଙ୍କା, ରାମପୁର ଷ୍ଟାଡିୟମ ନିର୍ମାଣ ପାଇଁ ୨୫ ଲକ୍ଷ, ସୋନପୁର ବ୍ଲକ ବିଶେଶ୍ୱରପାଲିରେ ଅନାଥ ଆଶ୍ରମର ଶ୍ରେଣୀଗୃହ ନିର୍ମାଣ ପାଇଁ ୨୯ ଲକ୍ଷ ଟଙ୍କା, ବୀରମହାରାଜପୁର ନିକଟରେ ରାସ୍ତା ଆଲୋକୀକରଣ ପାଇଁ ୨୧ ଲକ୍ଷ ଟଙ୍କା ଓ ବସଷ୍ଟାଣ୍ଡ ନିକଟରେ ବଜାର ପ୍ରାଙ୍ଗଣ ନିର୍ମାଣ ପାଇଁ ୨୦ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦିଆ ଯାଇଥିବା ଜିଲାପାଳ ସୂଚନା ଦେଇଥିଲେ।

### ବିଜେଡିର ଜନସମ୍ପର୍କ ପଦଯାତ୍ରା

ବିନିକା,୨୧।୧୦( ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଶୁକ୍ରବାର ବିଜେଡ଼ିର ଦ୍ୱିତୀୟ ପର୍ଯ୍ୟାୟ ପଦଯାତ୍ରା ୫ଟି ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣପୁର ଜିଲା ବିଜୁ ଜନତା ଦଳର ଯୁବ ସଭାପତି ତଥା ବିନିକା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନନ୍ଦଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପଦଯାତ୍ରାରେ ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ପ୍ରାରମ୍ଭରେ ବିଶାଳପାଲିସ୍ଥିତ ମହାଦେବ ମନ୍ଦିରଠାରେ ପୂଜାର୍ଚ୍ଚନା ପରେ ଶତାଧିକ ବିଜେଡ଼ି କର୍ମୀ ବିଶାଳପାଲି ଗ୍ରାମରେ ପଦଯାତ୍ରା କରିଥିଲେ। ପରେ ଚେରୁପାଲି,ବଲାରଙ୍ଗା, ସର୍ଗୁଣା,ଜାମପାଲି ପରିକ୍ରମା ବେଳେ ଗ୍ରାମବାସୀଙ୍କ ତରଫରୁ ଆୟୋଜିତ ସଭାରେ ବିଧାୟକ ବେହେରା ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ନେଇ ଲୋକଙ୍କୁ ଅବଗତ କରି ଏହାର ଫାଇଦା ନେବାକୁ କହିଥିଲେ। ଏହି ପଦଯାତ୍ରାରେ ବ୍ଲକ ବିଜେଡ଼ି ସଭାପତି ଦ୍ୱାରିକାନାଥ ସାହୁ, ନଗରପାଳ ସୁବାସ ଚନ୍ଦ୍ର ଭୋଇ,ବ୍ଲକ ଉପାଧ୍ୟକ୍ଷ ନିର୍ମଳ ଷାଣ୍ଡ,ଯୁବ ସଭାପତି ପ୍ରତାପ ଚାନ୍ଦ,ବ୍ଲକ ସମ୍ପାଦକ ଟଙ୍କଧର ମେଲ୍ଲି, ବୀରମହାରାଜପୁର ବ୍ଲକ ସଭାପତି ନାରାୟଣ ଲୁହାଙ୍କ ସମେତ କର୍ମୀମାନେ ସାମିଲ ହୋଇଥିଲେ।

# ପ୍ରତିଭାର ବିକାଶ ପାଇଁ ଉପଯୁକ୍ତ ସୁଯୋଗ ଜରୁରୀ



ଅମରପାଲି ୟୁପି ସ୍କୁଲରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଅମରପାଲି,୨୧।୧୦(ଡି.ଏନ.ଏ.)

ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ପାଖରେ ଅନ୍ତର୍ନିହିତ ପ୍ରତିଭା ରହିଛି। ପ୍ରତିଭାର ବିକାଶ ପାଇଁ ଉପଯୁକ୍ତ ସୁଯୋଗ ଜରୁରୀ।ଏହାକୁ ଲୋକଲୋଚନକୁ ଆଣିବାର ଆବଶ୍ୟକତା ରହିଛି। ଏଣୁ ଅଭିଭାବକ ଓ ଶିକ୍ଷକ ପିଲାଙ୍କ ପ୍ରତିଭାକୁ ଲୋକାଲୋଚନକୁ ଆଣିବା ପାଇଁ ଆଗେଇ ଆସିବା ଉଚିତ୍ । ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର କ୍ଲଷ୍ଟରର ଅମରପାଲି ସରକାରୀ ୟୁପି ସ୍କୁଲରେ ଶୁକ୍ରବାର ଅନୁଷ୍ଠିତ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭିର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ଅତିଥିମାନେ ଉପରୋକ୍ତ ମତ ପ୍ରକାଶ କରିଛନ୍ତି।

ସ୍ଥାନୀୟ ସ୍କୁଲର ପ୍ରଧାନଶିକ୍ଷକ ଦୁଃଖିଶ୍ୟାମ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ମୁଖ୍ୟଅତିଥି ଏବଂ ଅମରପାଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା, ପୂର୍ବତନ ସମିତିସଭ୍ୟ ପୀତାମ୍ବର ସାହୁ, ସିଆରସିସି ପ୍ରଦିପ ଜଗଦଲା, ସଙ୍ଗୀତକାର ବିରେନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସକାଳେ ପ୍ରଧାନଶିକ୍ଷକ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଜୁନିୟର ଓ ସିନିୟର ବର୍ଗରେ ଚିତ୍ରାଙ୍କନ,ବକ୍ତୃତା,ସୃଜନ ଲିଖନ,ସଙ୍ଗୀତ ଓ ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର ବିଚାରକ ଭାବେ ଭରତ ପ୍ରଧାନ,ରାମ ନାରାୟଣ ହୋତା,ରମେଶ ପଧାନ,ଦେବକାନ୍ତ ପଧାନ,ଧିରେନ ନାଏକ ପ୍ରମୁଖ ଯୋଗଦେଇ ମୂଲ୍ୟାୟନ କରିଥିଲେ। ଶିକ୍ଷକ ଅକ୍ଷୟ ରାୟ ସଭା ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଣବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇ ଥିଲା। ଶିକ୍ଷକ ତପକିରଣ ସାହୁ ଓ ଯଦୁମଣୀ ବାଘ ସହଯୋଗ କରିଥିଲେ। ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୨୩ଜଣ ପ୍ରତିଯୋଗୀ ବ୍ଲକସ୍ତରୀୟ ସୁରଭିରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିପରି ଚକାବର କ୍ଲଷ୍ଟରର ଟାଙ୍ଗରସାହି ସରକାରୀ ୟୁପି ସ୍କୁଲରେ କ୍ଲଷ୍ଟରସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଉମାଶଙ୍କର ପୂଜାହାରୀଙ୍କ ଅଧ୍ୟକ୍ଷତାରେ ବୀରମହାରାଜପୁର ବିଇଓ ଶାନ୍ତନୁ କୁମ୍ଭକାର ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବା ବେଳେ ସ୍କୁଲ ପରିଚାଳନା କମିଟିର ଅଧ୍ୟକ୍ଷ ଦେବାର ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟରର ୧୫ଟି ବିଭାଗରେ ୧୩୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ସ୍କୁଲର ପ୍ରଧାନ ଶିକ୍ଷକ ଅଭିମନ୍ୟୁ ବଗର୍ତ୍ତି ସଭା ପରିଚାଳନା କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ବ୍ଲକ ସ୍ତରକୁ ମନୋନୀତ ହୋଇଛନ୍ତି।

### ଦୋଷୀ ସାବ୍ୟସ୍ତ ହେଲେ ପୂର୍ବତନ କିରାଣି: ୨ ବର୍ଷ ସଶ୍ରମ କାରାଦଣ୍ଡାଦେଶ

- ସରକାରୀ ଅର୍ଥ ତୋସାରପାତ ମାମଲା
- ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଜଜ୍ କଲେ ଶୁଣାଣି

ବଲାଙ୍ଗୀର ଅଫିସ,୨୧।୧୦

ବଲାଙ୍ଗୀର ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍ ଶନିବାର ଏକ ସରକାରୀ ଅର୍ଥ ତୋଷାରପାତ ମାମଲାର ବିଚାର କରି ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ପୂର୍ବତନ କିରାଣି ତଥା କ୍ୟାସିୟର ଅନନ୍ତ ପ୍ରସାଦ ବାଗଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୨୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରୀ ରେକର୍ଡପତ୍ର ଜାଲିଆତି କରି ପୂର୍ବତନ କିରାଣି ତଥା କ୍ୟାସିୟର ବାଗ ପ୍ରାୟ ୩ ଲକ୍ଷ ଟଙ୍କା ସରକାରୀ ତହବିଲରୁ ଉଠାଇ ନେଇଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ଭିଜିଲାନ୍ସ ବିଭାଗ ତତ୍କାଳୀନ କିରାଣି ବାଗଙ୍କ ବିରୋଧରେ ମାମଲା (୨୪/୨୦୦୪) ରୁଜୁ କରିଥିଲେ। ତାଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ-୧୯୮୮ର ଧାରା ୧୩ (୨), ୧୩ (୧), (ସି) ଓ (ଡି), ଆଇପିସି ଧାରା ୪୦୯, ୪୬୮ ଓ ୪୭୭(ଏ)ରେ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାର ବିଚାର କରି ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍ ୨ ବର୍ଷ ସଶ୍ରମ କାରାଦଣ୍ଡ ଓ ତିନୋଟି ଭିନ୍ନ ମାମଲାରେ ୨୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଏହି ମାମଲାକୁ କୋର୍ଟରେ ଆଇନଜୀବୀ ଜୟକୃଷ୍ଣ ସାହୁ ପରିଚାଳନା କରିଥିଲେ। ଭିଜିଲାନ୍ସ ଡିଏସ୍‌ପି ଅଭିରାମ କରି ମାମଲାର ତଦନ୍ତ କରିଥିଲେ।

# ବଡମାଲକୁ ହରାଇ ଗୌଡଗାଡ଼ ଫାଇନାଲରେ

### ୪ର୍ଥ ସଞ୍ଜୟ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଅମରପାଲି,୨୧।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଦୁର୍ଜନତୈଲା ପଞ୍ଚାୟତର ଦାଦରପାଲି ଗ୍ରାମରେ ଶୁକ୍ରବାର ୪ର୍ଥ ସଞ୍ଜୟ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ସରପଞ୍ଚ ରଞ୍ଜିତ ଖେତି ମୁଖ୍ୟଅତିଥି ଏବଂ ସମିତିସଭ୍ୟ ପ୍ରତିନିଧି ଲମ୍ବୋଦର ମହାକୁର,ସ୍ୱେଚ୍ଛାସେବୀ କହ୍ନେଇ ଚରଣ ପଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ବଡମାଲ ଓ ଭାଲୁଡୁଙ୍ଗୁରୀ ମଧ୍ୟରେ ହୋଇଥିଲା। ବଡମାଲ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୮୭ରନ କରିଥିଲା। ଜବାବରେ ଭାଲୁଡୁଙ୍ଗୁରୀ ଦଳ ନିର୍ଦ୍ଧାରିତ ୧୦ ଓଭରରେ ୮ଉଇକେଟ ହରାଇ ୭୧ ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଗୌଡଗାଡ ଓ ବରଘାଟ ଦାଦର ମଧ୍ୟରେ ହୋଇଥିଲା। ବରଘାଟ ଦାଦର ପ୍ରଥମେ ବ୍ୟାଟିଂ କରି ସମସ୍ତ ଉଇକେଟ ହରାଇ ୪୫ ରନ କରିଥିବା ବେଳେ ଗୌଡଗାଡ ଦଳ ୯ ଓଭରରେ ୮ ଉଇକେଟ ହରାଇ ୪୬ ରନ କରି ବିଜୟୀ ହୋଇଥିଲା। ସେମିଫାଇନାଲ ମ୍ୟାଚ ଗୌଡଗାଡ ଓ ବଡମାଲ ମଧ୍ୟରେ ହୋଇଥିଲା। ବଡମାଲ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୭୧ ରନ କରିଥିବା ବେଳେ ଗୌଡଗାଡ ଦଳ ୯.୨ ଓଭରରେ ୮ ଉଇକେଟ ହରାଇ ୭୪ ରନ କରି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚଗୁଡିକରେ ପ୍ରୀତିପ୍ରକାଶ ମହାକୁର ଓ କାଳିଆ କଲତା ଅମ୍ପାୟାର ଏବଂ ରାଜେନ୍ଦ୍ର ମହାକୁର ସ୍କୋରିଂ କରିଥିଲେ।



ସଞ୍ଜୟ ସ୍ମାରକୀ କ୍ରିକେଟର ଉଦ୍‌ଘାଟନୀ ଉତ୍ସବରେ ଅତିଥି ଓ ଖେଳାଳି।

# ସାଧାରଣ ଲୋକଙ୍କ କାମ କରିବା ପାଇଁ ବିଜେଡି ପ୍ରତିଶ୍ରୁତିବଦ୍ଧ

### ବିଜେଡିର ଜନସମ୍ପର୍କ ପଦଯାତ୍ରା

ଅମରପାଲି,୨୧।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଜୋନ-୨ର ବିଭିନ୍ନ ସ୍ଥାନରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କେନଝିରିଆପାଲି ଗ୍ରାମ ପଞ୍ଚାୟତର ବାରଝୁଲା ଗ୍ରାମରୁ ପଦଯାତ୍ରା ଆରମ୍ଭ ହୋଇଥିଲା। ପରେ କେନଝିରିଆପାଲି ଗ୍ରାମରେ ଏକ ସଭା କରାଯାଇଥିଲା।ସେଠାରୁ ବହଲପଦର ପଞ୍ଚାୟତର କେଶଲଗା, ଦୁର୍ଜନତୈଲା ପଞ୍ଚାୟତର ଦାଦରପାଲି,କୁଞ୍ଜାପାଲିକୁ ପଦଯାତ୍ରା କରାଯାଇଥିଲା। ବହଲପଦର ପଞ୍ଚାୟତର ଗୌଡଗାଡ ଦେଇ ଅମରପାଲି, ବହଲପଦର ଓ ଶେଷରେ ଭାଲୁଡୁଙ୍ଗୁରୀ(କଲନିପଡା)ରେ ପଦଯାତ୍ରା ଶେଷ ହୋଇଥିଲା। ଏହି ସମୟରେ ଅମରପାଲିରେ ଅନୁଷ୍ଠିତ ସଭାରେ ବିଧାୟକ ପଦ୍ମନାଭ ବେହେରା ଯୋଗଦେଇ ସାଧାରଣ ଲୋକଙ୍କ କାମ କରିବା ପାଇଁ ବିଜେଡି ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା,ଉପାଧ୍ୟକ୍ଷ ତଥା ବ୍ଲକ ବିଜେଡି ଯୁବ ସଭାପତି ନାରାୟଣ ଲୁହା,ଜିଲା ପରିଷଦ ସଦସ୍ୟା ଚନ୍ଦ୍ରକାନ୍ତି ଦନ୍ତା,ଜିଲା ବିଜେଡି ସମ୍ପାଦକ ରଞ୍ଜିତ ରଥ,ବରିଷ୍ଠ ଆଇନଜୀବୀ ସ୍ୱୟମ୍ଭୁନାଥ ଖଣ୍ଡଗିରୀ,ବ୍ଲକ ବିଜେଡି ମହିଳା ସଭାନେତ୍ରୀ ସୁପ୍ରଭା ଖେତୀ, ଉତ୍ତର କୁମାର ପାତ୍ର,ରଞ୍ଜିତ ଖେତୀ,ବହଳପଦର ସରପଞ୍ଚ ନିରୂପମା ସେଠୀ,ସମିତିସଭ୍ୟା ସୁଗନ୍ଧା ଘିବିଲା,ଦୁର୍ଜନତୈଲା ସରପଞ୍ଚ ବିଷ୍ଣୁପ୍ରିୟା କୁମ୍ଭାର,ସମିତିସଭ୍ୟା ଇତିଶ୍ରୀ ମହାକୁର,କେନଝରିଆପାଲି ସରପଞ୍ଚ ସସ୍ମିତା ଦୀପ,ସମିତିସଭ୍ୟା ସୁଷମା ସେଠୀ,ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ,ହିଲୁଙ୍ଗ ସମିତି ସଭ୍ୟ ଶୈଳରଞ୍ଜନ ବାଦୀ,ନାଏବ ସରପଞ୍ଚ ଜୟରାମ ବିଶିଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଓ ଜନପ୍ରତିନିଧି ପଦଯାତ୍ରାରେ ସାମିଲ ଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ଲୋକେ ବିଧାୟକଙ୍କୁ ବିଭିନ୍ନ ସମସ୍ୟା ନେଇ ଦାବିପତ୍ର ପ୍ରଦାନ କରିଥିଲେ।

# ବଲାଙ୍ଗୀର ସମଲେଶ୍ୱରୀ କ୍ଲବକୁ ହରାଇ ଇଚ୍ଛାପୁର ସେମିରେ

ଡୁଙ୍ଗୁରିପାଲି,୨୧।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଦିଗଶିରା ୫୧ ତମ ରନିଙ୍ଗ ଫୁଟବଲ ଟୁର୍ନାମେଣ୍ଟ ଆଜାଦ ଫୁଟବଲ ଆସୋସିଏଶନ ତରଫରୁ ଶୁକ୍ରବାର ଦିଗଶିରା ଖେଳପଡିଆ ଠାରେ ଚତୁର୍ଥୀ ଦିବସରେ ଅନୁଷ୍ଠିତ ହୋଇଯାଇଛି । ଆଜିର ମ୍ୟାଚ ପ୍ରଥମେ ବିପିଏଫସି ବଲାଙ୍ଗୀର ଓ ତେଲିପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ତେଲିପାଲି ଦଳ ୧– ୦ଗୋଲରେ ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚ ଇଚ୍ଛାପୁର ଓ ବଲାଙ୍ଗୀର ସମଲେଶ୍ୱରୀ କ୍ଲବ ମଧ୍ୟରେ ହୋଇଥିଲା । ଏଥିରେ ଇଚ୍ଛାପୁର ୧–୦ଗୋଲରେ ବିଜୟୀ ହୋଇଥିଲା। ପରେ କ୍ୱାର୍ଟରଫାଇନାଲ ମ୍ୟାଚ ତେଲିପାଲି ଓ ଇଚ୍ଛାପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଇଚ୍ଛାପୁର ଦଳ ତେଲିପାଲିକୁ ୧–୦ ଗୋଲ ଦେଇ ସେମି ଫାଇନାଲକୁ ଯାଇଥିବା ଜଣାଯାଇଛି। ମୁଖ୍ୟଅତିଥି ଭାବେ ଡୁଙ୍ଗୁରିପାଲି ବିଡ଼ିଓ ତ୍ରିପୁର ମହାନନ୍ଦ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାମପୁର ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧା,



ଖେଳାଳି ଓ ଅନ୍ୟମାନେ।

### ଦିଗଶିରା ଫୁଟବଲ ଟୁର୍ନାମେଣ୍ଟ ଚତୁର୍ଥ ଦିବସରେ

ସାମ୍ବାଦିକ ସଂଘର ବରିଷ୍ଠ ପରାମର୍ଶଦାତା ପି.ଏମ. ପାଣ୍ଡିଆ, ଡୁଙ୍ଗୁରିପାଲି ବ୍ଲକ ସାମ୍ବାଦିକ ସଂଘର ସଭାପତି କିଶନ କୁମାର ଅଗ୍ରୱାଲ, ମନମାଳୀ ପୋଢ, ପ୍ରକାଶ ହାତୀ, ମହାଦେବ ଗଡତିଆ, ବଦ୍ରି ନାରାୟଣ ପାଣ୍ଡିଆ, ସାନନ୍ଦ ସାହୁ, ଦିଗଶିରା ହାଇସ୍କୁଲର ପ୍ରଧାନଶିକ୍ଷକ ଏଚ.ସାହୁ, ଖେଳ ଶିକ୍ଷକ ଶଶୀଭୂଷଣ ସା, ଶିକ୍ଷକ ଗୁଣନିଧି ଭୁକ୍ତା,ଧର୍ମେନ୍ଦ୍ର ବିଶ୍ୱାଳ, ଲକ୍ଷ୍ମଣ ଦଣ୍ଡସେନା, ଜିତେନ୍ଦ୍ର ସାହୁ, ପୂର୍ବତନ ଫୁଟବଲ ଖେଳାଳି ଗୋପାଳ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଖେଳର ଧାରା ବିବରଣୀ କିଶୋର ସେଠୀ ପ୍ରଦାନ କରିଥିଲେ । ଡୁଙ୍ଗୁରିପାଲି ସାମ୍ବାଦିକ ସଂଘର ଉପ ସଭାପତି ଦୀନବନ୍ଧୁ ସୁନା ଅତିଥିମାନଙ୍କ ପରିଚୟ ପ୍ରଦାନ ଓ ସଭା ସଂଯୋଜନା କରିଥିଲେ । ଶନିବାର ଏହି ଫୁଟବଲ ଟୁର୍ନାମେଣ୍ଟର ସେମି ଓ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ଦିଗଶିରା ଆଜାଦ ଫୁଟବଲ ଆସୋସିଏଶନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ହିମାଂଶୁ ସେଠ, ରଘୁନାଥ ସେଠୀ, ସୁରେଶ ନାଏକ ଖେଳ ପରିଚାଳନା କରିଥିଲେ ।